# BUDGET SPEECH (ORIYA)

# (BUDGET 2004-2005)

*ମାନ୍ୟବର ବାଚସ୍ପତି ମହୋଦୟ !*

ବହୁ ପ୍ରାଚୀନ କାଳରୁ ଆମ ରାଜ୍ୟ ଓଡିଶାର କଳା, ସଂସ୍କୃତି, ସ୍ଥାପତ୍ୟ ଓ ଧର୍ମଧାରା ସମଗ୍ର ଭାରତ ବର୍ଷରେ ଏକ ଗୌରବମୟ ପରମ୍ପରା ବହନକରି ଆସିଛି । ଏକଦା ଗଙ୍ଗାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଏହାର ବିଶାଳ ସାମ୍ରାଜ୍ୟ ତଥା ଐତିହାସିକ କଳିଙ୍ଗ ଯୁଦ୍ଧରେ ବୀର ଓଡିଆ ଜାତିର ବୀରତ୍ୱର ପରାକାଷ୍ଠା ଇତିହାସ ପୃଷ୍ଠାରେ ଅମ୍ଳାନ ହୋଇ ରହିଛି । ଆଜି ଏହି ପବିତ୍ର ଗୃହରେ ସେହି ମହାନ ଐତିହ୍ୟର ଦାୟାଦ ଭାବରେ ଉପସ୍ଥିତ ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟା ମାନଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ମୁଁ ଏ ଜାତିର ଆରାଧ୍ୟ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ କାମନା କରୁଛି । ତାଙ୍କର ଅପାର କରୁଣା ବଳରେ ଏହି ଗୃହର ସମସ୍ତ ସଦସ୍ୟ ସଦସ୍ୟା ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ତଥା ଜନସାଧାରଣଙ୍କ ସେବା କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଲାଭ କରନ୍ତୁ – ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ନିବେଦନ । ଏହି ପବିତ୍ର ଗୃହରେ 2004–05 ଆର୍ଥିକ ବର୍ଷପାଇଁ ବଜେଟ୍ ଉପସ୍ଥାପନ କରିବାର ସୁଯୋଗ ମୋତେ ମିଳିଥିବାରୁ ମୁଁ ଆପଣଙ୍କ ନିକଟରେ ତଥା ଏହି ଗୃହର ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କ ନିକଟରେ ମୋର ହୃଦୟର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛି ।

2. ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ 2005 ମସିହା ଫେବୃଆରୀ ମାସରେ ଓଡିଶା ବିଧାନସଭା ପାଇଁ ନିର୍ବାଚନ ହେବା କଥା; କିନ୍ତୁ ବିଗତ କେନ୍ଦ୍ର ସରକାର ଲୋକସଭା ଭଙ୍ଗ କରି ଜନମତ ଲୋଡିବା ପାଇଁ ନିଷ୍ପତ୍ତି ନେଲେ । ଆମେ ଯଦି ଏକସଙ୍ଗରେ ବିଧାନ ସଭା ନିର୍ବାଚନ କରିନଥାନ୍ତୁ; ତେବେ ବର୍ଷା ଋତୁ ପରେ ପରେ ଓଡିଶା ବିଧାନ ସଭା ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥାନ୍ତା । ତା ସଙ୍ଗେ ସଙ୍ଗେ ଗୋଟିଏ ବର୍ଷ ମଧ୍ୟରେ ଲୋକସଭା ନିର୍ବାଚନ ଓ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ; ଏହିପରି ଦୁଇ ଦୁଇ ଥର ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ରାଜ୍ୟର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାନ୍ତା । ଏହାକୁ ଆଖିରେ ରଖି ଓ ନିର୍ବାଚନ ଖର୍ଚ୍ଚକୁ ହ୍ରାସ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଓଡିଶା ବିଧାନ ସଭାପାଇଁ ଆଗତୁରା ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ସୁତରାଂ 2004–05 ଆର୍ଥିକ ବର୍ଷ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ କରିବା ପରିବର୍ତ୍ତେ ଅତ୍ୟାବଶ୍ୟକ ଖର୍ଚ୍ଚ ତୁଲାଇବା ଉଦ୍ଦେଶ୍ୟରେ 2004–05 ଆର୍ଥିକବର୍ଷର ପ୍ରଥମ 4 ମାସ ନିମନ୍ତେ ଫେବୃଆରୀ ମାସରେ ରାଜ୍ୟ ସରକାର ବିଧାନସଭାରେ ଏକ ଲେଖାନୁଦାନ ଆଗତ କରିଥିଲେ ଓ ତାହା ଗୃହର ଅନୁମୋଦନ ଲାଭ କରିଥିଲା । କେନ୍ଦ୍ର ସରକାର ମଧ୍ୟ 2004–05 ଆର୍ଥିକ ବର୍ଷ ପାଇଁ ଲେଖାନୁଦାନ ଆଗତ କରିଥିଲେ ଏବଂ ଏହି ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ପାର୍ଲାମେଣ୍ଟ ଦ୍ୱାରା ଅନୁମୋଦନ ହେବାକୁ ପ୍ରାୟ 2 ମାସ ସମୟ ଲାଗିବ । ରାଜ୍ୟର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ପାଇଁ ବିଧାନସଭାର

ଅନୁମୋଦନ ଜୁଲାଇ 2004 ମସିହା ପର୍ଯ୍ୟନ୍ତ ପ୍ରବର୍ତ୍ତିତ ହୋଇଅଛି ଏବଂ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣାଙ୍ଗ ବଜେଟ୍ ଅନୁମୋଦନ ପାଇଁ ଆହୁରି ସମୟ୍ ଲାଗିବ, ତେଣୁ ରାଜ୍ୟ ସରକାର 2004–05 ଆର୍ଥିକ ବର୍ଷ ପାଇଁ ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାକୁ ସ୍ଥିର କରିଛନ୍ତି ।

3. 2004–05 ଆର୍ଥିକ ବର୍ଷର ବଜେଟ୍ ରୂପରେଖ ପ୍ରଦାନ କରିବା ପୂର୍ବରୁ ରାଜ୍ୟର ଜଟିଳ ଓ ଗୁରୁତର ଆର୍ଥିକ ପରିସ୍ଥିତି ଉପରେ ମୁଁ ମାନ୍ୟବର ସଭ୍ୟ ଓ ସଭ୍ୟା ମାନଙ୍କର ଅବଗତି ପାଇଁ ସମ୍ୟକରେ ଏକ ଚିତ୍ର ଉପସ୍ଥାପନ କରିବା ପାଇଁ ଉଚିତ ମନେ କରୁଛି ।

4. ଭାରତବର୍ଷ ଭଳି ଏକ ବିଶାଳ ଗଣତନ୍ତ୍ରରେ ଜନସାଧାରଣଙ୍କ ଆଶା ଓ ଉପଲବ୍ଧ ହେଉଥିବା ସମ୍ବଳ ମଧ୍ୟରେ ବ୍ୟବଧାନ ରହିବା ସ୍ୱାଭାବିକ । ପ୍ରାକୃତିକ ବିଭବରେ ପରିପୂର୍ଣ୍ଣ ହୋଇ ମଧ୍ୟ ଆମ ରାଜ୍ୟର ସମ୍ବଳ ଆଶାତୀତ ଭାବେ ସ୍ୱଳ୍ପ ହୋଇଥିବାରୁ ଉପରୋକ୍ତ ବ୍ୟବଧାନର ପରିମାଣ ଅତ୍ୟନ୍ତ ଅଧିକ । ତେବେ ଏଥିରେ ନିରୁତ୍ସାହିତ ନ ହୋଇ ସମ୍ବଳ ବୃଦ୍ଧି ଓ ଆମ ରାଜ୍ୟର ଅଧିବାସୀଙ୍କର, ବିଶେଷ ଭାବେ ସମାଜର ଦୁର୍ବଳ ଶ୍ରେଣୀ ବ୍ୟକ୍ତିମାନଙ୍କର ଆଶା ଆକାଂକ୍ଷା ପୂରଣ କରିବା ନିମିତ୍ତ ଆମର ଉଦ୍ୟମ ଅବ୍ୟାହତ ରହିବ ଓ ଏହି ବଜେଟ୍ ସେହି ଦୁଃସାହସିକ ଉଦ୍ୟମର ଏକ ପ୍ରତୀକ ମାତ୍ର । କିନ୍ତୁ କୌଣସି ଯାଦୁ ବିଦ୍ୟା ବା କାଉଁରିକାଠି ଦ୍ୱାରା ଗୋଟିଏ ଆର୍ଥିକ ବର୍ଷରେ ସମ୍ବଳ ବଢାଇ ଦେଇ ହେବ ନାହିଁ, କିମ୍ବା ଖର୍ଚ୍ଚକୁ କମାଇ

ଦିଆଯାଇ ପାରିବ  ନାହିଁ । ଜନସାଧାରଣଙ୍କ ଉପରେ କରର ବୋଝକୁ ବୃଦ୍ଧି ନ କରି ଓ ରାଜସ୍ୱ ଖର୍ଚ୍ଚକୁ ଯଥାସମ୍ଭବ ସଂକୁଚିତ କରି ରାଜ୍ୟକୁ ବିକାଶ ପଥରେ ଦ୍ରୁତଗତିରେ ଆଗେଇ ନେବାହିଁ ଆମର ଲକ୍ଷ୍ୟ ।

5. ସାଧାରଣତଃ ରାଜ୍ୟର ରାଜସ୍ୱ ଆୟ, ରାଜସ୍ୱ ଖର୍ଚ୍ଚଠାରୁ ଅଧିକ ହେବା ଉଚିତ ବା ଅତି କମରେ ରାଜସ୍ୱ ଖର୍ଚ୍ଚ ରାଜସ୍ୱ ଆୟ ମଧ୍ୟରେ ସୀମିତ ହେବା ଉଚିତ । ଏହାଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ କରାଯାଉଥିବା ଋଣ ପୁଞ୍ଜିବିନିଯୋଗରେ ବ୍ୟବହୃତ ହୋଇପାରିବ ଏବଂ ସେଥିରୁ ଉପଲବ୍‌ଧ ଅର୍ଥ, ରାଜ୍ୟ ପାଇଁ କରାଯାଇଥିବା ମୂଳ ଋଣ ତଥା ଏହା ଉପରେ ଦେୟ ସୁଧ ପରିଶୋଧ କରିବାରେ ସାହାଯ୍ୟ କରିବ । ମାତ୍ର  ଆମ ରାଜ୍ୟ କ୍ଷେତ୍ରରେ ମୋଟ୍ ରାଜସ୍ୱ ଆୟ ଓ ମୋଟ ରାଜସ୍ୱ ଖର୍ଚ୍ଚ ମଧ୍ୟରେ ତାରତମ୍ୟ ବହୁତ ଅଧିକ ଅଟେ । ରାଜସ୍ୱ ଖର୍ଚ୍ଚ ଓ ରାଜସ୍ୱ ଆୟକୁ ହିସାବକୁ ନେଲେ ରାଜ୍ୟର ମୋଟ ରାଜସ୍ୱ ନିଅଣ୍ଟ ବର୍ଷକୁ ହାରାହାରି ପ୍ରାୟ 2000.00 କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଟେ । ରାଜ୍ୟର ମୋଟ୍ ରାଜସ୍ୱ ଆୟର 70 ଶତାଂଶରୁ ଊର୍ଦ୍ଧ୍ୱ କେବଳ ବେତନ, ପେନସନ ଓ ସୁଧ ଦେୟ ବାବଦକୁ ବ୍ୟବହୃତ ହେଉଥିବାରୁ, ଅନ୍ୟାନ୍ୟ ଅତ୍ୟାବଶ୍ୟକ ଖର୍ଚ୍ଚ ଓ  ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆଦୌ ପର୍ଯ୍ୟାପ୍ତ  ହେଉନାହିଁ ।  ଏଠାରେ ସୂଚାଇ ଦିଆଯାଇପାରେ ଯେ ଦରମା, ପେନସନ ଓ ସୁଧ ବାବଦକୁ ଖର୍ଚ୍ଚ 1980–81 ରେ ମୋଟ୍

ରାଜସ୍ୱ ଖର୍ଚ୍ଚର 38.2 ଶତାଂଶ ଥିଲା ବେଳେ, ଏହା ବୃଦ୍ଧି ହୋଇ 1990–91 ରେ 60.4 ଶତାଂଶ ଓ 2002–03 ରେ 77.2 ଶତାଂଶରେ ପହଞ୍ଚିଛି ।

6. ରାଜସ୍ୱ ଆୟ ଓ ରାଜସ୍ୱ ଖର୍ଚ୍ଚ ମଧ୍ୟରେ ଢାଞ୍ଚାଗତ ବୈଷମ୍ୟ ଥିବାରୁ ରାଜ୍ୟସରକାର ଉନ୍ନୟନ ମୂଳକ କାର୍ଯ୍ୟ ତୁଲାଇବା ପାଇଁ ବର୍ଷକୁ ବର୍ଷ ଅଧିକରୁ ଅଧିକ ଋଣ କରିବାକୁ ବାଧ୍ୟ ହେଉଛନ୍ତି । ଯେହେତୁ ରାଜସ୍ୱ ଆୟ ଓ ରାଜସ୍ୱ ବ୍ୟୟ ମଧ୍ୟରେ ବ୍ୟବଧାନ ବଢ଼ି ବଢ଼ି ଯାଉଛି; ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଋଣ ଏହି ବ୍ୟବଧାନ ପୂରଣ କରିବା ପାଇଁ ପ୍ରଥମେ ବ୍ୟବହୃତ ହେଉଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ 1984–85 ଆର୍ଥିକ ବର୍ଷରେ କରାଯାଇଥିବା ମୋଟ୍ ଋଣର 24 ଶତାଂଶ ରାଜସ୍ୱ ନିଅଣ୍ଟ ଭରଣା କରିବାକୁ ବ୍ୟବହୃତ ହେଉଥିବାବେଳେ ଏହା ବୃଦ୍ଧି ହୋଇ 2001–02 ମସିହାରେ 72 ଶତାଂଶରେ ପହଞ୍ଚିଛି । ଇତିମଧ୍ୟରେ ରାଜ୍ୟ ସରକାର ବିଭିନ୍ନ ରାଜସ୍ୱ ଆୟବୃଦ୍ଧି ଓ ରାଜସ୍ୱ ଖର୍ଚ୍ଚର ସମୀକରଣ (Rationalisation) ପାଇଁ ନେଇଥିବା ପଦକ୍ଷେପ ଯୋଗୁଁ 2002–03 ମସିହାରେ ଏହା 36 ଶତାଂଶକୁ କମିଆସିଛି ।

7. ରାଜସ୍ୱ ଆୟ ଓ ରାଜସ୍ୱ ଖର୍ଚ୍ଚ ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇବା ଏବଂ ଏହି କ୍ରମବର୍ଦ୍ଧିଷ୍ଣୁ ନିଅଣ୍ଟକୁ ପୂରଣ କରିବା ପାଇଁ ଅଧିକରୁ ଅଧିକ ଋଣ କରିବାକୁ ପଡୁଥିବାରୁ ରାଜ୍ୟର ରାଜସ୍ୱ ଖର୍ଚ୍ଚ

ଆଶାତୀତ ଭାବେ ବଢ଼ି ବଢ଼ି ଚାଲିଛି । 1980–81 ମସିହାରେ ରାଜ୍ୟ ସରକାରଙ୍କ ନିଜସ୍ୱ ରାଜସ୍ୱ ଆୟ 206.29 କୋଟି ଟଙ୍କା ଥିଲା ବେଳେ ସେହି ବର୍ଷ ରାଜ୍ୟର ମୋଟ୍ ରାଜସ୍ୱ ଆୟ 621.35 କୋଟି ଟଙ୍କା ଥିଲା ଓ ସୁଧ ବାବଦକୁ 50.68 କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା; ଯାହାକି ରାଜ୍ୟର ନିଜସ୍ୱ ଆୟର 25 ଶତାଂଶ ଓ ମୋଟ୍ ରାଜସ୍ୱ ଆୟର 8 ଶତାଂଶ ଥିଲା । ବର୍ଷକୁ ବର୍ଷ ରାଜସ୍ୱ ଆୟ ଓ ରାଜସ୍ୱ ବ୍ୟୟ ମଧ୍ୟରେ ବ୍ୟବଧାନ ବୃଦ୍ଧି ଘଟୁଥିବାରୁ ରାଜ୍ୟର ଋଣ ଭାର ଅପ୍ରତ୍ୟାଶିତ ଭାବେ ବୃଦ୍ଧି ପାଉଛି । 2002–03 ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଆୟ 3833.01 କୋଟି ଟଙ୍କା ଓ ମୋଟ୍ ରାଜସ୍ୱ ଆୟ 8438.77 କୋଟି ଟଙ୍କା ଥିବାବେଳେ ସୁଧ ବାବଦକୁ ଖର୍ଚ୍ଚ 2885.59 କୋଟି ଟଙ୍କା ଥିଲା; ଯାହାକି ନିଜସ୍ୱ ରାଜସ୍ୱର 75 ଶତାଂଶ ଓ ମୋଟ୍ ରାଜସ୍ୱର 34 ଶତାଂଶ ଅଟେ । ରାଜ୍ୟର ରାଜସ୍ୱ ଖର୍ଚ୍ଚ ଯେଉଁ ଭଳି ଭାବେ ବୃଦ୍ଧି ଘଟୁଛି ଏବଂ ରାଜ୍ୟ ସରକାରଙ୍କୁ ଯେପରି ବର୍ଷକୁ ବର୍ଷ ଅଧିକରୁ ଅଧିକ ଋଣ କରିବାକୁ ପଡୁଛି; ରାଜ୍ୟର ଆର୍ଥିକ ପରିସ୍ଥିତି ଏକ ବିଷମ ସ୍ଥିତିରେ ପହଞ୍ଚିଛି । କେବଳ ସୁଧ ଦେୟ ବାବଦକୁ ରାଜ୍ୟର ମୋଟ୍ ରାଜସ୍ୱ ଆୟର 40 ରୁ 34 ଶତାଂଶ ଖର୍ଚ୍ଚ ହେଉଥିଲା ବେଳେ ସୁଧ ଓ ମୂଳଧନ ପରିଶୋଧ ବାବଦକୁ ମୋଟ୍ ରାଜସ୍ୱ ଆୟର 53 ରୁ 42 ଶତାଂଶ ବ୍ୟୟ ହେଉଛି ।

୪. ରାଜ୍ୟ ଯୋଜନା ପାଇଁ ସମ୍ବଳ ଆକଳନ କରିବା ବେଳେ ପ୍ରଥମେ ଆମକୁ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ, କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ, ଅଣ ଯୋଜନା ରାଜସ୍ୱ ନିଅଣ୍ଟ ଭରଣା ବାବଦକୁ ଅର୍ଥ କମିଶନ ଯେଉଁ ବର୍ଷପାଇଁ ଯେତେ ଟଙ୍କା ସୁପାରିଶ କରିଥାନ୍ତି, ବେତନ, ପେନସନ୍, ବାର୍ଦ୍ଧକ୍ୟ ଭତ୍ତା, ଖାଦ୍ୟ ରିହାତି ଓ ରାସ୍ତା ଘାଟ ରକ୍ଷଣାବେକ୍ଷଣ ଇତ୍ୟାଦି ଖର୍ଚ୍ଚ ବାବଦକୁ ପ୍ରଥମେ ହିସାବକୁ ନିଆଯାଇଥାଏ । ସରକାରୀ କର୍ମଚାରୀ, ଅନ୍ୟାନ୍ୟ ସଂସ୍ଥା ମାନଙ୍କୁ ଦିଆଯାଉଥିବା ଋଣ ପରିଶୋଧ ଓ ଅଣଯୋଜନା ପୁଞ୍ଜିର ଆୟକୁ ହିସାବାକୁ ନେଲାବେଳେ ଆଗରୁ ଅଣାଯାଇଥିବା ଋଣକିସ୍ତି ହିସାବକୁ ନିଆଯାଇଥାଏ । ଆଗରୁ ଅଣାଯାଇଥିବା ଋଣକିସ୍ତିର ପରିମାଣ ଯେହେତୁ ବର୍ଷକୁ ବର୍ଷ ବଢି ଚାଲିଛି, ତେଣୁ ଅଣଯୋଜନା ପୁଞ୍ଜି ଓ ବ୍ୟୟର ବ୍ୟବଧାନ ବଢୁଛି । 2003–04 ଆର୍ଥିକବର୍ଷରେ ଅଣ ଯୋଜନା ରାଜସ୍ୱ ଖର୍ଚ୍ଚ ଓ ରାଜସ୍ୱ ଆୟ ମଧ୍ୟରେ ବ୍ୟବଧାନ ପ୍ରାୟ 2127 କୋଟି ଟଙ୍କା ଥିଲା ବେଳେ ଅଣ ଯୋଜନା ପୁଞ୍ଜି ଆୟ ଓ ବ୍ୟୟ ମଧ୍ୟରେ ବ୍ୟବଧାନ ପ୍ରାୟ 1057 କୋଟି ଟଙ୍କା ଆକଳନ କରାଯାଇଥିଲା । ଅର୍ଥାତ୍ ଅଣ ଯୋଜନା ଆୟ ଓ ବ୍ୟୟ ମଧ୍ୟରେ ବ୍ୟବଧାନ 3184 କୋଟି ଟଙ୍କା ରହିଥିଲା ଏବଂ 2003–04 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ଆକାର 3200.00 କୋଟି ଟଙ୍କା ରଖାଯାଇଥିଲା ବେଳେ 4486.00 କୋଟି ଟଙ୍କା ଋଣ କରିବାକୁ ପଡିବ ବୋଲି ଆକଳନ କରାଯାଇଥିଲା ।

9. ଢାଞ୍ଚାଗତ ଅସୁବିଧା ଯୋଗୁଁ ଆମକୁ ବର୍ଷକୁ ବର୍ଷ ଯୋଜନାର ବ୍ୟୟ ଭାର ବଢ଼ିଲେ କିଭଳି ଅଧିକରୁ ଅଧିକ ଋଣ କରିବାକୁ ପଡୁଛି; ତାହା ଗୃହର ମାନ୍ୟବର ସଦସ୍ୟ ସଦସ୍ୟା ମାନେ ଉପରୋକ୍ତ ତଥ୍ୟରୁ ହୃଦୟଙ୍ଗମ କରିପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ । ଆଜି ଏକ ଅବର୍ଣ୍ଣନୀୟ ଆର୍ଥିକ ପରିସ୍ଥିତି ମଧ୍ୟରେ ଏହି ପବିତ୍ର ଗୃହରେ 2004–05 ଆର୍ଥିକ ବର୍ଷ ପାଇଁ ମୁଁ ଏହି ବଜେଟ୍ ଉପସ୍ଥାପନ କରୁଛି । ଏହା ମୋର ସୌଭାଗ୍ୟ ବା ଦୁର୍ଭାଗ୍ୟ ତାହା ମୁଁ ଜାଣେ ନାହିଁ । କିନ୍ତୁ ଯଦି ଆମେମାନେ ସମସ୍ତେ ମିଳିମିଶି ରାଜ୍ୟର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ଚେଷ୍ଟା କରିବା, ତାହେଲେ ଯାଇ ଅବିଳମ୍ବେ ରାଜ୍ୟର ଆର୍ଥିକ ଅବସ୍ଥାରେ ଯେ ଉନ୍ନତି ଆସିପାରିବ; ସେଥିରେ ମୋର ତିଳେ ମାତ୍ର ସନ୍ଦେହ ନାହିଁ । ସେଥିପାଇଁ ମୁଁ ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟା ମାନଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ।

ଲକ୍ଷ୍ୟ (Strategy)

10. (i) ଆମର ସମ୍ବଳ ସୀମିତ, ମାତ୍ର ଆମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଯେପରି ରାଜ୍ୟର ପ୍ରଗତି ତ୍ୱରାନ୍ୱିତ ହୋଇପାରିବ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନଙ୍କ ସଂଖ୍ୟା ଶୀଘ୍ର କମାଯାଇପାରିବ । ସେଥିନିମିତ୍ତ ଆମକୁ ରାଜ୍ୟର ସୀମିତ ସମ୍ବଳର ସଦୁପଯୋଗ କରିବାକୁ ପଡିବ । ଅଣ ଉତ୍ପାଦନ ରାଜସ୍ୱ ଖର୍ଚ୍ଚ ହ୍ରାସ କରି ତଜ୍ଜନିତ ଉଦ୍‌ବୃତ୍ତ ଆୟକୁ ରାଜ୍ୟର ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାଇବା ଏବଂ ସେଥିନିମିତ୍ତ ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବା

ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ଅଣ ଯୋଜନା ରାଜସ୍ୱ ନିଅଣ୍ଟ, ଆର୍ଥିକ ନିଅଣ୍ଟ ଏବଂ ଅତ୍ୟଧିକ ଋଣ ଭାର ଯୋଗୁ ରାଜ୍ୟ ଯେଉଁ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଛି ତାହାକୁ କିପରି ସୁଧାର କରାଯାଇପାରିବ; ସେଥିପାଇଁ ଆମକୁ ଚେଷ୍ଟା କରିବାକୁ ପଡିବ । ଫଳରେ ରାସ୍ତାଘାଟ ମରାମତି, ଜଳସେଚନ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ ଓ ଦାରିଦ୍ର୍ୟଦୂରୀକରଣ ଇତ୍ୟାଦି କାର୍ଯ୍ୟକ୍ରମ ପାଇଁ ଅର୍ଥ ବିନିଯୋଗ କରାଯାଇ ରାଜ୍ୟର ଉନ୍ନତିର ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ପଡିବ । ଦୀର୍ଘମିଆଦି ଉନ୍ନୟନର ଲକ୍ଷ୍ୟ ଯେପରି ହାସଲ କରାଯାଇପାରିବ ସେଥିପାଇଁ ବଜେଟ୍ ଏକ ମାଧ୍ୟମ ଅଟେ । ତେଣୁ ରାଜ୍ୟ ସରକାର କୃଷି, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଦାରିଦ୍ର୍ୟ ଦୂରୀକରଣ ଓ ଭିତ୍ତିଭୂମି ଉନ୍ନୟନ ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ।

(ii) ରାଜ୍ୟ ଭିତରେ ସମ୍ବଳ ସଂଗ୍ରହ କରିବାର ସୂତ୍ର ସୀମିତ, ଏହି ପରିପ୍ରେକ୍ଷୀରେ ଆମକୁ ଦୀର୍ଘମିଆଦୀ ପ୍ରକଳ୍ପ ଓ ଯୋଜନା ରୂପାୟନ ନିମନ୍ତେ ବୈଦେଶିକ ସାହାଯ୍ୟ ପାଇଁ ଚେଷ୍ଟା କରିବାକୁ ପଡିବ ।

(iii) କେନ୍ଦ୍ରୀୟ ସାହାଯ୍ୟ ଓ ଅନ୍ୟାନ୍ୟ ସଂସ୍ଥାମାନଙ୍କଠାରୁ ଯେପରି ଆର୍ଥିକ ସାହାଯ୍ୟ ଅଣାଯାଇପାରିବ ସେଥିନିମିତ୍ତ ବିନିଯୋଗ ପତ୍ର ଯଥା ସମୟରେ ଦାଖଲ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ।

(iv) ଅନ୍ୟ ପକ୍ଷରେ ଯେଉଁ ପ୍ରକଳ୍ପ ଗୁଡିକ ବର୍ଷ ବର୍ଷ ଧରି ଅସଂପୂର୍ଣ୍ଣ ଅବସ୍ଥାରେ ପଡିଛି ସେଗୁଡିକ ଯେପରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ

ସଂପୂର୍ଣ୍ଣ ହୋଇପାରିବ ସେଥିନିମିତ୍ତ ଅର୍ଥ ବରାଦ କରାଯାଇଛି । ଏହା ଫଳରେ ରାଜ୍ୟ ସରକାର ଯେଉଁ ପୁଞ୍ଜି ବିନିଯୋଗ କରୁଛନ୍ତି, ତାହାର ସୁଫଳ ଆମକୁ ଶୀଘ୍ର ମିଳିପାରିବ ।

(v) ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ଯେପରି ଅଧିକ ସାହାଯ୍ୟ ଆଣିପାରିବେ, ସେଥିନିମିତ୍ତ ନିମ୍ନଲିଖିତ ପଦକ୍ଷେପମାନ ମଧ୍ୟ ନେଉଅଛନ୍ତି ।

(କ) 1995–96 ମସିହାରୁ 2000–01 ମସିହା ମଧ୍ୟରେ କେ.ବି.କେ. ଜିଲ୍ଲା ପାଇଁ କେନ୍ଦ୍ରୀୟ ଅନୁଦାନ ବର୍ଷକୁ ପ୍ରାୟ 47.00 କୋଟି ଟଙ୍କା ମିଳୁଥିବା ବେଳେ ଏହା 2001–02 ମସିହାରେ 100.00 କୋଟି ଟଙ୍କା, 2002–03 ମସିହାରେ 200.00 କୋଟି ଟଙ୍କା ଓ 2003–04 ମସିହାରେ 250.00 କୋଟି ଟଙ୍କା ମିଳି ପାରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଆଗରୁ ଏହି ଅନୁଦାନ 70 ଶତାଂଶ ଋଣ ଓ 30 ଶତାଂଶ ଅନୁଦାନ ଆକାରରେ 2001–02 ମସିହା ପର୍ଯ୍ୟନ୍ତ ମିଳୁଥିବା ବେଳେ 2002–03 ମସିହାରୁ ଏହା ସଂପୂର୍ଣ୍ଣ ରୂପେ ଅନୁଦାନ ଆକାରରେ ମିଳୁଛି । ଏତଦ୍‌ବ୍ୟତୀତ "ରାଷ୍ଟ୍ରୀୟ ଶ୍ରମ ବିକାଶ ଯୋଜନା" ଅନ୍ତର୍ଭୁକ୍ତ "ପଛୁଆ ଜିଲ୍ଲା ସୂତ୍ରପାତ କାର୍ଯ୍ୟକ୍ରମ" (Backward District Initiative Programme) ଜରିଆରେ ଗଞ୍ଜାମ ଓ ମୟୁରଭଞ୍ଜ ଜିଲ୍ଲା ପାଇଁ ବର୍ଷକୁ 15.00 କୋଟି ଟଙ୍କା ହିସାବରେ ବିଭିନ୍ନ ସାମାଜିକ ଓ ଆର୍ଥିକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ମିଳିବ । ଏ ବାବଦକୁ ରାଜ୍ୟ ସରକାର 2003–04

ମସିହାରେ 10.00 କୋଟି ଟଙ୍କା ଓ କନ୍ଧମାଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଭାବେ 10.00 କୋଟି ଟଙ୍କା ପାଇସାରିଛନ୍ତି । ଅନ୍ୟାନ୍ୟ ପଛୁଆ ଜିଲ୍ଲା ଯେପରି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରିବେ, ସେଥିନିମିତ୍ତ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ।

(ଖ) କୋଇଲା ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ଉପରେ 3 ବର୍ଷରେ ରୟାଲ୍ଟି (Royalty) ବୃଦ୍ଧିର ବ୍ୟବସ୍ଥା ଥିଲେ ମଧ୍ୟ କେନ୍ଦ୍ର ସରକାର ଏହାକୁ ଠିକ୍ ସମୟରେ ବୃଦ୍ଧି କରୁନାହାନ୍ତି । କୋଇଲା ଉପରେ ରୟାଲ୍ଟି (Royalty) ବୃଦ୍ଧି ତା 11.10.94 ରିଖରେ ହୋଇଥିଲା ଏବଂ ଏହା ପରେ ଅକ୍ଟୋବର 1997 ମସିହାରେ ବୃଦ୍ଧି ହେବା କଥା, ମାତ୍ର ଏହା ତା 16.8.2002 ରିଖରେ ଅର୍ଥାତ୍ 8 ବର୍ଷ ପରେ ବୃଦ୍ଧି ହୋଇଛି । ଅନ୍ୟାନ୍ୟ ଖଣିଜ ଦ୍ରବ୍ୟର ରୟାଲ୍ଟି (Royalty) ପୁନରୀକ୍ଷଣ (Revision) ତା 17.2.92 ରିଖରେ ଏବଂ ପରବର୍ତ୍ତୀ ସମୟରେ ତା 11.4.97ରିଖ ଓ ତା 12.9.2000 ରିଖରେ ହୋଇଥିଲା । ତତ୍ପରବର୍ତ୍ତୀ ପୁନରୀକ୍ଷଣ (Revision) ତା 12.9.2003 ରିଖରେ ହେବା କଥା, ମାତ୍ର ବର୍ତ୍ତମାନ ସୁଦ୍ଧା ଏହା ହୋଇନାହିଁ । କୋଇଲା ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ଉପରେ ରୟାଲ୍ଟି (Royalty) ଯେପରି ଠିକ୍ ସମୟରେ ବୃଦ୍ଧି କରାଯାଏ ଏବଂ A ଓ B grade କୋଇଲା ଉପରେ ଯେଉଁ ଅନୁପାତରେ ରୟାଲ୍ଟି (Royalty) ବୃଦ୍ଧି କରାଯାଉଛି ସେହି ଅନୁପାତରେ F ଓ G grade କୋଇଲା ଉପରେ ରୟାଲ୍ଟି (Royalty) ବୃଦ୍ଧି

କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରିଛନ୍ତି । ଏତଦ୍‌ବ୍ୟତୀତ ଉଚିତ ସମୟରେ ରୟାଲ୍‌ଟି (Royalty) ବୃଦ୍ଧି ନ କରିବା ଦ୍ୱାରା ରାଜ୍ୟର ଯେଉଁ କ୍ଷତି ହେଲା, ତାହା ଭରଣା କରିବା ନିମିତ୍ତ ଭାରତ ସରକାର ଓ ଦ୍ୱାଦଶ ଅର୍ଥ କମିଶନଙ୍କ ନିକଟରେ ଦାବୀ ଉପସ୍ଥାପନ କରାଯାଇଛି ଏବଂ ଏହି ଦାବୀକୁ କେନ୍ଦ୍ର ସରକାରଙ୍କ ନିକଟରେ ପୁଣି ଉପସ୍ଥାପନ କରିବା ପାଇଁ ବ୍ୟବସ୍ଥା କରାଯାଉଛି ।

(vi) ଏହି ବଜେଟ୍‌ରେ ଚାରୋଟି ମୁଖ୍ୟ ଲକ୍ଷ୍ୟ ରହିଛି :

1) ଦାରିଦ୍ର୍ୟ ଦୂରୀକରଣ
2) ଦୁର୍ବଳ ଶ୍ରେଣୀ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ
3) ରାଜ୍ୟର ଦ୍ରୁତ ପ୍ରଗତି
4) ସମ୍ବଳର ସଦୁପଯୋଗ

ଆର୍ଥିକ ସଂସ୍କାର ଜରିଆରେ ଅଣ ଉତ୍ପାଦନ ଖର୍ଚ୍ଚ ହ୍ରାସକରି କିପରି ଅଧିକରୁ ଅଧିକ ରାଜସ୍ୱ ସଂଗ୍ରହ କରାଯାଇ ପାରିବ, ତାହା ଆମର ପ୍ରଧାନ ଉଦ୍ଦେଶ୍ୟ । ବିଗତ ବହୁ ବର୍ଷ ଧରି ଆର୍ଥିକ ପରିଚାଳନାରେ ଗୁରୁତ୍ୱ ନଦେବା ଫଳରେ ବର୍ତ୍ତମାନ ଆମର ଆର୍ଥିକ ଅବସ୍ଥା ଅସନ୍ତୁଳନ ଅବସ୍ଥାରେ ରହିଅଛି । ଏହା ଗୋଟିଏ ବର୍ଷରେ ସମାଧାନ କରାଯାଇପାରିବ ନାହିଁ । ରାଜ୍ୟ ସରକାର ଏଥି ପାଇଁ ଢାଞ୍ଚାଗତ ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କରୁଛନ୍ତି । ଏହାକୁ

ସଫଳ ଭାବେ କାର୍ଯ୍ୟକାରୀ କରିବାକୁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଲୋଡା । ଏହାର ସଫଳ ରୂପାୟନ ହେଲେ ବଜେଟ୍‌ରେ ରାଜସ୍ୱ ଆୟ ରାଜସ୍ୱ ଖର୍ଚ୍ଚକୁ ଭରଣା କରିପାରିବ; ଯାହା ଫଳରେ ବିଭିନ୍ନ ସୂତ୍ରରୁ ଅଣାଯାଉଥିବା ଋଣ ଓ ସାହାଯ୍ୟ ଅନ୍ୟଆଡେ ବିନିଯୋଗ ନ ହୋଇ କେବଳ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ ହୋଇପାରିବ ।

ଉପରୋକ୍ତ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି 2004–05 ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିବା ପାଇଁ ଆମ ସରକାର ଚେଷ୍ଟା କରିଛନ୍ତି ।

ରାଜ୍ୟ ଯୋଜନା

11. 2003–04 ଆର୍ଥିକ ବର୍ଷ ପାଇଁ ଯୋଜନା କମିଶନ ରାଜ୍ୟ ଯୋଜନା ବାବଦକୁ 3200.00 କୋଟି ଟଙ୍କା ଅନୁମୋଦନ କରିଥିଲେ । ପରବର୍ତ୍ତୀ ସମୟରେ ସମ୍ବଳକୁ ଆଖି ଆଗରେ ରଖି ତାହାକୁ 2714.50 କୋଟି ଟଙ୍କାରେ ସଂଶୋଧିତ କରାଯାଇଥିଲା । ବର୍ତ୍ତମାନ ମିଳିଥିବା ତଥ୍ୟ ଅନୁସାରେ 2003–04 ଆର୍ଥିକ ବର୍ଷରେ ଯୋଜନା ବାବଦକୁ ମୋଟ 2436.58 କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ପ୍ରାରମ୍ଭିକ ହିସାବରୁ ଜଣାପଡିଛି । ସୀମିତ ସମ୍ବଳକୁ ଆଖିରେ ରଖି ବର୍ତ୍ତମାନ 2004–05 ଆର୍ଥିକ ବର୍ଷ ପାଇଁ ରାଜ୍ୟ ଯୋଜନା ବାବଦକୁ 3250.00 କୋଟି ଟଙ୍କା ସ୍ଥିରୀକୃତ ହୋଇଛି । ଏହି 3250.00 କୋଟି ଟଙ୍କା ମଧ୍ୟରୁ ରାଜ୍ୟ ସରକାରଙ୍କ ବଜେଟ୍‌ରେ 2963.56

କୋଟି ଟଙ୍କା ରଖାଯାଇଥିବା ବେଳେ GRIDCO, OHPC, OPGC, OSRTC ଇତ୍ୟାଦି ସରକାରୀ ଉଦ୍ୟୋଗଗୁଡିକର ବଜେଟ୍‌ରେ ଯୋଜନା ବାବଦକୁ 286.44 କୋଟି ଟଙ୍କା ବ୍ୟୟ ଆକଳନ କରାଯାଇଛି । ମାନ୍ୟବର ଯୋଜନା କମିଶନ ଉପାଧ୍ୟକ୍ଷ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ଆଲୋଚନା ହେଲା ପରେ ଏହି ଯୋଜନା ବ୍ୟୟ ବରାଦରେ କିଛି ପରିବର୍ତ୍ତନ ହୋଇପାରେ ।

ଗୁରୁତ୍ୱପୂର୍ଣ୍ଣ ଦିଗ (Thrust Areas)

12. ଆମର ସମ୍ବଳ ସୀମିତ ମାତ୍ର ଦାୟିତ୍ୱ ଅନେକ । ଯଦିଓ ଆମ ରାଜ୍ୟ ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଓ ସାମୁଦ୍ରିକ ସମ୍ପଦ ଆଦିରେ ଭରପୂର; ତଥାପି ଭାରତବର୍ଷରେ ଆଜି ପର୍ଯ୍ୟନ୍ତ ଓଡିଶା ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ ହେଉଛି । ଏହା ଏକ ବିଡମ୍ବନାର ବିଷୟ । ତେଣୁ ଏହି ପରିପ୍ରେକ୍ଷୀରେ ଆମକୁ ମିଳିତ ଭାବେ ରାଜ୍ୟର ସାମୁହିକ ପ୍ରଗତି ପାଇଁ ପ୍ରଚେଷ୍ଟା କରିବା ସହିତ ଏକ ନବୀନ ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସଙ୍କଳ୍ପ ନେବାକୁ ପଡିବ । ଏ ମାଟିର ବରପୁତ୍ର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓଡିଶାର ପ୍ରଗତି ପାଇଁ ଯେଉଁ ମାନଚିତ୍ର ଆଙ୍କିଥିଲେ ; ତାହାକୁ ବାସ୍ତବ ରୂପ ଦେଇ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବରେ ଗଢି ତୋଳିବାପାଇଁ ଏ ସରକାର ଅଙ୍ଗୀକାରବଦ୍ଧ । ଏଠାରେ ମୁଁ ଉଲ୍ଲେଖ କରିବା ପାଇଁ ଚାହୁଁଛି ଯେ, ଗତ ସାଧାରଣ ନିର୍ବାଚନରେ ରାଜ୍ୟବାସୀ ଯେଉଁ ଭାବରେ ଏ ସରକାରଙ୍କୁ ପୁନର୍ବାର କ୍ଷମତାସୀନ କରି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଛନ୍ତି, ସେଥିପାଇଁ

ସେମାନଙ୍କୁ ଧନ୍ୟବାଦ ଜଣାଇବା ଅବସରରେ ମୁଁ ଏ ଗୃହରେ ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ, ସରକାର ସେମାନଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଅଗ୍ରାଧିକାର ଦେବେ ।

❖ ରାଜ୍ୟରେ ଏକ କ୍ରିୟାଶୀଳ, ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ସରକାର ସପକ୍ଷରେ ଯେଉଁ ଜନାଦେଶ ମିଳିଛି ତାହା ବଳବତ୍ତର ରହିବ ।

❖ ଅର୍ଥନୈତିକ ସଂସ୍କାର ମାଧ୍ୟମରେ ରାଜ୍ୟର ସମ୍ବଳ ବୃଦ୍ଧି ସହ ରାଜ୍ୟବାସୀଙ୍କର ମୁଣ୍ଡପିଛା ଆୟ ବୃଦ୍ଧି ତଥା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ନିମ୍ନବର୍ଗର ଲୋକମାନଙ୍କ ଆର୍ଥିକ ସ୍ୱଚ୍ଛଳତା ହାସଲ ଏବଂ ବେକାର ଯୁବକ ଯୁବତୀମାନଙ୍କର ଆତ୍ମନିର୍ଭରଶୀଳତା ପାଇଁ ସରକାର ପ୍ରାଥମିକତା ଦେଉଛନ୍ତି ।

❖ ସମାଜର ଦୁର୍ବଳ, ଆର୍ଥିକ ଅନଗ୍ରସର ତଥା ନିମ୍ନ ବର୍ଗର ଲୋକ ଏବଂ ମହିଳାମାନଙ୍କ ପାଇଁ ସାମାଜିକ ନିରାପତ୍ତା ଯୋଗାଇ ଦେବା ସହ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବହୁବିଧ ପଦକ୍ଷେପ ନିଆଯାଉଛି ।

❖ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ରାଜ୍ୟର ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଓ ରାଜ୍ୟର ଗୋଆ ମୁକ୍ତି ଆନ୍ଦୋଳନର ସଂଗ୍ରାମୀମାନଙ୍କୁ ଭତ୍ତା ଦେବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି ।

❖ ରାଜ୍ୟର ବିଭିନ୍ନ ଅଞ୍ଚଳ ମଧ୍ୟରେ ଅର୍ଥନୈତିକ ଅସଙ୍ଗତି ଓ ଆଞ୍ଚଳିକ ବୈଷମ୍ୟ ଦୂର କରିବା ଲକ୍ଷ୍ୟରେ ସରକାର

ନିକଟରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି ଏବଂ ଏହି କମିଟିଙ୍କ ସୁପାରିଶ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

- ❖ କୃଷି, ପଶୁ ସମ୍ପଦ, ଜଳସେଚନ, ମତ୍ସ୍ୟ ଉତ୍ପାଦନ, ଫଳ ଓ ଫୁଲ ଚାଷର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଛି; ଯାହା ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ ହେବାପାଇଁ ସୁଯୋଗ ସୃଷ୍ଟି କରିବ ।
- ❖ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ମାଧ୍ୟମରେ ଶିକ୍ଷିତ ଯୁବକମାନଙ୍କୁ କର୍ମ ସଂସ୍ଥାନ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି ।
- ❖ ରାଜ୍ୟକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହୀ ଉଦ୍ୟୋଗପତିମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଓ ଭିତ୍ତିଭୂମି ଯୋଗାଇଦେବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ରାଜ୍ୟରେ Single Window ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି; ଯାହା ନୂତନ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବ । କୃଷି ଓ ଖଣିଜ ଭିତ୍ତିକ ଶିଳ୍ପର ଅଭିବୃଦ୍ଧି ମାଧ୍ୟମରେ ଆମର କୃଷିଜାତ ଦ୍ରବ୍ୟ ଏବଂ ଖଣିଜ ସମ୍ପଦର ସଦୁପଯୋଗ ହୋଇପାରିବ ଏବଂ ମୂଲ୍ୟଯୁକ୍ତ (Value addition) ହୋଇ ରାଜ୍ୟର ଅର୍ଥନୀତିକୁ ଦୃଢ଼ୀଭୂତ କରିବ ।

❖ ଆପଣମାନେ ଜାଣି ଖୁସି ହେବେ ଯେ, ରାଜ୍ୟ ଯୋଜନାରେ ବ୍ୟବସ୍ଥା କରାଯାଇଥିବା ଅର୍ଥର 44 ଶତାଂଶ କୃଷି, ଜଳସେଚନ, ଦାରିଦ୍ର୍ୟ ଦୂରୀକରଣ, ଗ୍ରାମ୍ୟ ଉନ୍ନୟନ ଓ ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟୟ କରାଯିବାର ପ୍ରସ୍ତାବ ରହିଛି ।

❖ ସ୍ୱାସ୍ଥ୍ୟସେବା, ପ୍ରାଥମିକ ଶିକ୍ଷା, ପାନୀୟଜଳ, ସଡକ ପଥର ବିକାଶ, ଗ୍ରାମ୍ୟ ବିଦ୍ୟୁତୀକରଣ ମାଧ୍ୟମରେ ଲୋକମାନଙ୍କର ଜୀବନର ମାନ ଉନ୍ନତ ହେବା ଆଶା କରାଯାଏ । ତେଣୁ ସରକାର ଏସବୁ କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗ କରିବାକୁ ମଧ୍ୟ ସଂକଳ୍ପବଦ୍ଧ ।

❖ ନୂଆନୂଆ ପ୍ରକଳ୍ପ ଆରମ୍ଭ କରିବା ଅପେକ୍ଷା ଯେଉଁ ପ୍ରକଳ୍ପଗୁଡିକ ଅସମ୍ପୂର୍ଣ୍ଣ ରହିଛି, ସେଗୁଡିକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରାଯାଇ କାର୍ଯ୍ୟକ୍ଷମ କରାଯିବା ପାଇଁ ଗୁରୁତ୍ୱ ଦିଆଯିବ ଏବଂ ଅଧିକ ବୈଦେଶିକ ସାହାଯ୍ୟ ମାଧ୍ୟମରେ ଦୀର୍ଘମିଆଦୀ ପ୍ରକଳ୍ପ ଓ ଯୋଜନାର ରୂପାୟନ ପାଇଁ ଚେଷ୍ଟାକରାଯିବ ।

❖ ଆମ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ଓ ପର୍ଯ୍ୟଟନ କ୍ଷେତ୍ରଗୁଡିକୁ ଗମନାଗମନର ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଉଛି । ସେହିପରି ପ୍ରାଚୀନ କିର୍ତ୍ତୀରାଜିର ସୁରକ୍ଷା ପାଇଁ ମଧ୍ୟ ଯଥୋଚିତ ଧ୍ୟାନ ଦିଆଯିବ ।

❖ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଏବଂ ବାହ୍ୟ ସାହାଯ୍ୟ ପ୍ରାପ୍ତ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗୁଡିକ ଠିକ୍

ସମୟ୍ୱରେ ଶେଷ ହେବା ଏବଂ ତାର ସମଯ୍ୱୋଚିତ ବିନିଯୋଗପତ୍ର ଦାଖଲ ଉପରେ ବର୍ତ୍ତମାନ ଗୁରୁତ୍ୱ ଦିଆଯାଉଛି ।

- ❖ କେ.ବି.କେ. ଅଞ୍ଚଳର ଉନ୍ନତି ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି ଏବଂ ଆସନ୍ତା ପାଞ୍ଚ ବର୍ଷରେ ଏହି ଅଞ୍ଚଳ କୃଷି ଓ ଶିଳ୍ପ କ୍ଷେତ୍ରରେ ରାଜ୍ୟର ଅନ୍ୟ ଅଞ୍ଚଳ ସହ ସମକକ୍ଷ ହେବ ବୋଲି ଆଶା କରାଯାଏ ।
- ❖ ରାଜ୍ୟରେ କ୍ଷତିରେ ଚାଲୁଥିବା ସାଧାରଣ ଉଦ୍ୟୋଗ ଗୁଡିକୁ ଲାଭଜନକ କରାଯିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ଏବଂ ଯେଉଁ ଉଦ୍ୟୋଗଗୁଡିକ କ୍ରମାଗତ କ୍ଷତିରେ ସମ୍ମୁଖୀନ ହେଉଛନ୍ତି ସେଗୁଡିକୁ ଘରୋଇକରଣ କରାଯିବାକୁ ନିଷ୍ପତ୍ତି ହୋଇଛି ।
- ❖ ରାଜ୍ୟରେ ପ୍ରଶାସନିକ ସଂସ୍କାର ତଥା e-governance ଦ୍ୱାରା ଶାସନରେ ସ୍ୱଚ୍ଛତା ଓ ଗତିଶୀଳତାରେ ଉନ୍ନତି ଅଣାଯିବା ସହ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଭିଜିଲାନ୍ସ ବିଭାଗକୁ ଶକ୍ତିଶାଳୀ କରିବାକୁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି ।

ରାଜ୍ୟ ଯୋଜନାର ମୁଖ୍ୟାଂଶ

13. ବର୍ତ୍ତମାନ ମୁଁ 3250.00 କୋଟି ଟଙ୍କା ବ୍ୟୟ ବରାଦର କେତୋଟି ମୁଖ୍ୟାଂଶ ଆପଣମାନଙ୍କ ନିକଟରେ ଉପସ୍ଥାପନ କରିବାକୁ ଯାଉଛି ।

(କୋଟି ଟଙ୍କାରେ)

| | |
|---|---|
| ବୈଦେଶିକ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ବାବଦକୁ | 716.81 |
| ଜୀବନ ବୀମା ନିଗମରୁ ଋଣ ସାହାଯ୍ୟରେ ସହରାଞ୍ଚଳ ଜଳ ଯୋଗାଣ ପାଇଁ | 24.52 |
| ସାଧାରଣ ବୀମା ନିଗମ (GIC) ରୁ ସାହାଯ୍ୟ ଜରିଆରେ ଗୃହ ନିର୍ମାଣ ନିମିତ୍ତ | 11.83 |
| ସମବାୟ ବିଭାଗ ଅଧୀନସ୍ଥ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ପାଇଁ | 11.16 |
| ନାବାର୍ଡ ସାହାଯ୍ୟ ପ୍ରାପ୍ତ ବିଭିନ୍ନ ଆର୍.ଆଇ.ଡି.ଏଫ. ପାଇଁ | 271.50 |
| ପ୍ରଧାନମନ୍ତ୍ରୀ ଗ୍ରାମୋଦୟ ଯୋଜନା | 121.67 |
| କେ.ବି.କେ. ଜିଲ୍ଲା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ | 373.50 |
| ତ୍ୱରାନ୍ୱିତ ଜଳସେଚନ ପ୍ରକଳ୍ପ | 200.00 |
| ସହରାଞ୍ଚଳ ବସ୍ତି ଉନ୍ନୟନ (Slum Development) | 7.21 |
| କେନ୍ଦ୍ରୀୟ ରାସ୍ତା ସହାୟତା ପାଣ୍ଠିରୁ ସାହାଯ୍ୟ ପ୍ରାପ୍ତ ବିଭିନ୍ନ ରାସ୍ତା ଗୁଡିକର ଉନ୍ନତି | 31.61 |
| ତ୍ୱରାନ୍ୱିତ ଶକ୍ତି ଉନ୍ନୟନ ସଂସ୍କାର କାର୍ଯ୍ୟକ୍ରମ ପାଇଁ | 169.98 |
| ଗ୍ରାମ୍ୟ ବୈଦ୍ୟୁତିକରଣ | 67.20 |
| ସମ୍ବିଧାନର ଧାରା 275(1) ଅନୁସାରେ ମିଳୁଥିବା | 28.78 |

| | |
|---|---|
| ସାହାଯ୍ୟ ଜରିଆରେ ଆଦିବାସୀ ଓ ହରିଜନଙ୍କ ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ | |
| ITDA ପ୍ରକଳ୍ପ (TSP) | 65.48 |
| ସହରାଞ୍ଚଳ ଭିତ୍ତିଭୂମି ପ୍ରୋତ୍ସାହନ (out of ISUI) | 9.81 |
| ରେଜିଷ୍ଟ୍ରେସନ କାର୍ଯ୍ୟାଳୟଗୁଡିକର କମ୍ପୁଟରୀକରଣ (out of ISUI) | 1.00 |
| ଅନ୍ନପୂର୍ଣ୍ଣା ଯୋଜନା | 5.22 |
| ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଓ ଜାତୀୟ ପରିବାର କଲ୍ୟାଣ | 45.36 |
| Nutrition for Adolescent girls (କିଶୋରୀମାନଙ୍କ ପାଇଁ ପୁଷ୍ଟି ସାଧନ) | 7.82 |
| ଯୋଜନା କମିଶନରୁ ମିଳୁଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ | 95.00 |
| କେନ୍ଦ୍ରୀୟ ସାହାଯ୍ୟପ୍ରାପ୍ତ ଯୋଜନା ପାଇଁ ରାଜ୍ୟର ଅଂଶ ବାବଦକୁ | 287.80 |
| ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବାବଦକୁ | 73.50 |
| ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ଅନୁଦାନ | 30.00 |
| ନିର୍ବାଚନ ମଣ୍ଡଳୀଓ୍ୱାରି ଗ୍ରାମ୍ୟ ରାସ୍ତା ପାଇଁ ବ୍ୟୟ ବରାଦ | 14.50 |
| Special Problem Fund | 10.00 |
| Subsidy | 13.65 |
| ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି | 27.58 |

| | |
|---|---|
| (excluding from KBK & ITDA of Rs.9.40 crore) | |
| Mid-day Meal (ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ) | 9.50 |
| Supplementary Nutrition | 5.00 |
| State Capital Projects | 5.80 |
| Infant Mortality Reduction Scheme (ଶିଶୁ ମୃତ୍ୟୁହାର ହ୍ରାସ ଯୋଜନା) | 1.00 |
| Mission Shakti | 1.00 |
| Micro Planning | 5.00 |
| ପ୍ରଶାସନିକ ମାନ ବୃଦ୍ଧି ଓ ସ୍ୱତନ୍ତ୍ର ସମସ୍ୟା ପାଇଁ ଏକାଦଶ ଅର୍ଥ କମିଶନ କରିଥିବା ସୁପାରିଶ ବାବଦକୁ | 5.19 |
| ସରକାରୀ ଘୋଷଣା କରାଯାଇଥିବା ପୌରାଥିଳ ସ୍କୁଲଗୁଡିକ ପାଇଁ ବ୍ୟୟ ବରାଦ | 9.00 |
| ଅନ୍ୟାନ୍ୟ | 199.58 |
| ସରକାରୀ ଉଦ୍ୟୋଗ ବଜେଟ୍‌ରେ ବ୍ୟବସ୍ଥା | 286.44 |
| ମୋଟ୍ | 3250.00 |

ଅଣଯୋଜନା ରାଜସ୍ୱ ଖର୍ଚ୍ଚର କେତେକ ମୁଖ୍ୟାଂଶ

14. 2004–05 ଆର୍ଥିକ ବର୍ଷ ପାଇଁ ଅଣଯୋଜନା ଖର୍ଚ୍ଚ ମୋଟ 11,661.26 କୋଟି ଟଙ୍କା ଆକଳନ କରାଯାଇଛି । ଏହାର କେତେକ ମୁଖ୍ୟାଂଶ ନିମ୍ନରେ ଉଲ୍ଲେଖ କରୁଛି ।

(କୋଟି ଟଙ୍କାରେ)

| | |
|---|---|
| ଭାରତ ସରକାର ଓ ଅନ୍ୟାନ୍ୟ ସଂସ୍ଥାରୁ ଅଣାଯାଇଥିବା ଋଣର ସୁଧ ଦେୟ | 3461.91 |
| ପେନସନ ଓ ଅନ୍ୟାନ୍ୟ ଅବସରକାଳୀନ ଭତ୍ତା ବାବଦକୁ | 1597.09 |
| ରିଲିଫ ଖର୍ଚ୍ଚ ବାବଦକୁ 2003–04 ମୂଳ ବଜେଟ୍‌ରେ 126.72 କୋଟି ଟଙ୍କା ରଖା ଯାଇଥିବା ବେଳେ 2004–05 ବଜେଟ୍‌ରେ ଏହାକୁ 333.06 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । | 333.06 |
| ବାର୍ଦ୍ଧକ୍ୟ ଭତ୍ତା | 79.95 |
| ବିକଳାଙ୍ଗ ମାନଙ୍କ ପାଇଁ ପେନସ୍‌ନ | 13.50 |
| ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି | 21.78 |
| ଖାଦ୍ୟ ରିହାତି | 40.00 |
| ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ | 69.12 |
| ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ ଏକାଦଶ ଅର୍ଥ କମିଶନଙ୍କ ଅନୁଦାନ ନିମିତ୍ତ ରାଜ୍ୟ ଅଂଶ ବାବଦକୁ | 17.28 |
| ପୌରାଞ୍ଚଳ ଉନ୍ନତି ପାଇଁ ଏକାଦଶ ଅର୍ଥ କମିଶନ କରିଥିବା ସୁପାରିଶ ବାବଦକୁ | 7.99 |
| ପୌରାଞ୍ଚଳ ରାସ୍ତାଘାଟ ରକ୍ଷଣାବେକ୍ଷଣ ପାଇଁ ଅନୁଦାନ | 15.00 |

| | |
|---|---|
| DFID ସାହାଯ୍ୟ ପ୍ରାପ୍ତ ବିଭିନ୍ନ ସରକାରୀ ଉଦ୍ୟୋଗ ଓ ସମବାୟ ସଂସ୍ଥାର କର୍ମଚାରୀମାନଙ୍କ ପାଇଁ ଭି.ଆର୍.ଏସ୍. ବ୍ୟବସ୍ଥା | 100.00 |
| Maintenance of Capital assets | 586.16 |

କେନ୍ଦ୍ରୀୟ ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା

15. କେନ୍ଦ୍ର ସରକାରଙ୍କର ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ କେନ୍ଦ୍ରୀୟ ଯୋଜନା ବାବଦକୁ 466.55 କୋଟି ଟଙ୍କା ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ବାବଦକୁ 192.79 କୋଟି ଟଙ୍କାର ବ୍ୟୟ ବରାଦ 2004–05 ଆର୍ଥିକ ବର୍ଷ ପାଇଁ କରାଯାଇଛି ।

2004–05 ମସିହା ବଜେଟର କେତେକ ମୁଖ୍ୟ କାର୍ଯ୍ୟକ୍ରମ

16. ଯେତେବେଳେ ବିଭାଗୱାରି ବଜେଟ୍ ଉପରେ ଆଲୋଚନା ହେବ ସେତେବେଳେ ମାନ୍ୟବର ସଦସ୍ୟ ସଦସ୍ୟାମାନେ ସେ ବିଷୟରେ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖଭାବେ ଅବଗତ ହୋଇପାରିବେ । ବର୍ତ୍ତମାନ ମୁଁ କେବଳ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବଜେଟ୍‌ରେ ଯେଉଁ ବ୍ୟବସ୍ଥା ରଖାଯାଇଛି, ତାହା ଉପରେ ମୋର ବକ୍ତବ୍ୟ ରଖିବାକୁ ଯାଉଛି ।

ଜଳସେଚନ

17. ( i) ଓଡିଶା ଗୋଟିଏ କୃଷି ପ୍ରଧାନ ରାଜ୍ୟ ଓ ଆମ ରାଜ୍ୟର ପ୍ରାୟ 70 ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି । କୃଷିର

ଉନ୍ନତି ବିନା ରାଜ୍ୟର ଉନ୍ନତି ସମ୍ଭବ ନୁହେଁ । ତେଣୁ ଆମ ସରକାର କୃଷକ ମାନଙ୍କୁ ଜଳ ସେଚନ ସୁବିଧା ଯୋଗାଇ ଦେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ଏତଦ୍‌ବ୍ୟତୀତ ବାତ୍ୟା ଓ ବନ୍ୟା ରାଜ୍ୟର ଅର୍ଥନୈତିକ ଅବସ୍ଥାକୁ ବିଭିନ୍ନ ସମୟରେ ବିପର୍ଯ୍ୟସ୍ତ କରି ଆସିଛି । ତେଣୁ ବନ୍ୟା ନିୟନ୍ତ୍ରଣ ଏବଂ ନଦୀ ବନ୍ଧ ଗୁଡିକୁ ଦୃଢୀଭୂତ କରିବାପାଇଁ ସରକାର ମଧ୍ୟ ବିଭିନ୍ନ ପଦକ୍ଷେପ ନେଉଅଛନ୍ତି ।

ii) କୃଷି ଉପଯୋଗୀ 65.59 ଲକ୍ଷ ହେକ୍ଟର ଜମି ମଧ୍ୟରୁ ପ୍ରାୟ 59.00 ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ଆକଳନ କରାଯାଇଛି । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଆମ ବିଜେଡି – ବିଜେପି ସରକାର ଦାୟିତ୍ୱ ନେବାଠାରୁ ଜୁନ 2004 ମସିହା ଶେଷ ସୁଦ୍ଧା ଅତିରିକ୍ତ 1,95,850 ହେକ୍ଟର ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯାଇପାରିଛି ଏବଂ ବର୍ତ୍ତମାନ ଚାଷୀମାନେ ମୋଟ୍ 26,51,525 ହେକ୍ଟର ଜମିରେ ଜଳସେଚନର ସୁବିଧା ଉପଭୋଗ କରିବା ପାଇଁ ବ୍ୟବସ୍ଥା କରାଗଲାଣି । ଆସନ୍ତା ସେଚ ବର୍ଷରେ ଅର୍ଥାତ ଜୁଲାଇ 2004 ମସିହାରୁ ଜୁନ 2005 ମସିହା ମଧ୍ୟରେ ଆହୁରି 58,483 ହେକ୍ଟର ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

iii) 2004–05 ଆର୍ଥିକ ବର୍ଷ ପାଇଁ ଜଳସେଚନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଓ ବନ୍ୟା ନିୟନ୍ତ୍ରଣ ପାଇଁ ରାଜ୍ୟ ଯୋଜନାରେ ମୋଟ୍

487.04 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି । ସେଥି ମଧ୍ୟରୁ ମଧ୍ୟମ ଜଳସେଚନ ଯୋଜନା ବାବଦକୁ 88.92 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ବିଜୁ କୃଷକ ଯୋଜନା ପାଇଁ 50 କୋଟି ଟଙ୍କା ଓ ତ୍ୱରାନ୍ୱିତ ଜଳସେଚନ ପ୍ରକଳ୍ପ ପାଇଁ (AIBP) 10 କୋଟି ଟଙ୍କା ଅନ୍ତର୍ଭୁକ୍ତ ।

iv) ଅଣ ଯୋଜନା କ୍ଷେତ୍ରରେ ବନ୍ୟା ନିୟନ୍ତ୍ରଣ ପାଇଁ 31.72 କୋଟି ଟଙ୍କା, ଉଠା ଜଳସେଚନ ନିଗମକୁ water rate subsidy ବାବଦକୁ 7.00 କୋଟି ଟଙ୍କା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣା ପାଇଁ 38.76 କୋଟି ଟଙ୍କା ଓ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ 94.94 କୋଟି ଟଙ୍କା ର ବ୍ୟୟବରାଦ କରାଯାଇଛି ।

v) ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଯେ ଜଳସେଚନ ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଆଗରୁ ଯେଉଁ ବ୍ୟୟ ବରାଦ କରାଯାଉଥିଲା ତାହା ଠିକ୍ ଭାବରେ କାର୍ଯ୍ୟରେ ଲାଗୁ ହୋଇପାରୁନଥିଲା । ବିଭିନ୍ନ ଜଳସେଚନ ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ ଯେପରି ଠିକ୍ ଭାବରେ ଓ ଠିକଣା ସମୟରେ ହୋଇପାରିବ ସେଥିନିମିତ୍ତ ପାଣି ପଞ୍ଚାୟତ ଗଠନ ପାଇଁ ରାଜ୍ୟ ସରକାର ସଂସ୍କାର ମୂଳକ ପଦକ୍ଷେପ ନେଇଛନ୍ତି । ଇତି ମଧ୍ୟରେ 10600 ଟି ପାଣି ପଞ୍ଚାୟତ ଗଠନ କରାଯାଇ ସାରିଲାଣି ଏବଂ ଏହି

ପାଣି ପଞ୍ଚାୟତଗୁଡିକ ଅଧୀନରେ 8.79 ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଛି । କେନାଲ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ଇତି ମଧ୍ୟରେ 8013 ପାଣି ପଞ୍ଚାୟତକୁ ଦାୟିତ୍ୱ ହସ୍ତାନ୍ତର କରାଯାଇସାରିଲାଣି ଏବଂ ଏଥିରେ 5.63 ଲକ୍ଷ ହେକ୍ଟର ଜଳସେଚିତ ଜମି ଅନ୍ତର୍ଭୁକ୍ତ ।

କୃଷ 18. i) ଆମ ରାଜ୍ୟର ଘରୋଇ ଉତ୍ପାଦନରେ କୃଷିର ଅବଦାନ ହେଉଛି ଶତକଡା 30 ଭାଗ । ରାଜ୍ୟର ଶତକଡା 70 ଭାଗ ପରିବାର କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । ଆୟ ଓ ନିଯୁକ୍ତି କ୍ଷେତ୍ରରେ ଆଶାନୁରୂପ ଅଭିବୃଦ୍ଧି ହାର ହାସଲ କରିବା ପାଇଁ କୃଷି କ୍ଷେତ୍ରରେ ଦ୍ରୁତ ବିକାଶ ଏବଂ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ । ଏଥିପାଇଁ ସରକାର କୃଷିର ବିକାଶ ପାଇଁ ଅଗ୍ରାଧିକାର ଦେଉଛନ୍ତି । ଅର୍ଥକାରୀ ଫସଲ ପର୍ଯ୍ୟାୟ ଅନୁସରଣ ସହ ବୈଷୟିକ ଜ୍ଞାନ କୌଶଳର ହସ୍ତାନ୍ତରୀକରଣ ସମ୍ପ୍ରସାରଣର ମୂଳ ଲକ୍ଷ୍ୟ ହୋଇଥିବା ବେଳେ ଏହାକୁ ହାସଲ କରିବା ପାଇଁ ରାଜ୍ୟ ତଥା କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ଆବଶ୍ୟକୀୟ ପ୍ରୋତ୍ସାହନ ଯୋଗାଇ ଦେବାପାଇଁ ଏ ବଜେଟ୍ ରେ ପ୍ରସ୍ତାବ ରଖାଯାଇଅଛି ।

ii) ଅଗଭୀର, ମଧ୍ୟମ ଏବଂ ଗଭୀର ନଳକୂପ ମାଧ୍ୟମରେ ଚାଷୀ କ୍ଷେତରେ ଆବଦ୍ଧ ସେଚଜଳର ଉପଲବ୍ଧ ନିମିତ୍ତ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଟି ବେଶ୍

ଫଳପ୍ରଦ ହୋଇଅଛି । ଏହି ସଫଳତାକୁ ଉପଲବ୍ଧି କରି ରାଜ୍ୟ ସରକାର 36 ହଜାର ଗୋଟି ଅଗଭୀର ଓ ମଧ୍ୟମ ନଳକୂପ ଖନନ ନିମିତ୍ତ ନାବାର୍ଡକୁ 2ଗୋଟି ପ୍ରକଳ୍ପ ପ୍ରସ୍ତାବ ଦେଇଛନ୍ତି । ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଚଳିତ ଆର୍ଥିକ ବର୍ଷର ବଜେଟ୍‌ରେ 1500 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

iii) ବିଶ୍ୱବ୍ୟାଙ୍କ ସହାୟତାରେ ମହାବାତ୍ୟା ପ୍ରପୀଡିତ ଜିଲ୍ଲାଗୁଡିକରେ ସ୍ଥାପନ କରାଯାଇଥିବା କୃଷି ସେବାକେନ୍ଦ୍ରଗୁଡିକ ମାଧ୍ୟମରେ ଚାଷୀମାନଙ୍କ ପାଇଁ ଅତ୍ୟାବଶ୍ୟକୀୟ କୃଷି ଯନ୍ତ୍ରପାତି ଭଡା ସୂତ୍ରରେ ଯୋଗାଇ ଦେବା କାର୍ଯ୍ୟ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏହି ସଫଳତାକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ଆଉ ଅଧିକ 250 ଗୋଟି କୃଷି ସେବାକେନ୍ଦ୍ର ପ୍ରତିଷ୍ଠା ନିମିତ୍ତ ବଜେଟ୍‌ରେ ବ୍ୟବସ୍ଥା କରାଯାଇଅଛି । ଏଥିନିମିତ୍ତ ରାଜ୍ୟ ଯୋଜନା ଅନ୍ତର୍ଗତ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମ ପାଇଁ 423.88 ଲକ୍ଷ ଏବଂ ଆର୍.ଏଲ୍.ଟି.ଏ.ପି. ଅନ୍ତର୍ଗତ କେବିକେ ଜିଲ୍ଲାଗୁଡିକରେ ସ୍ୱତନ୍ତ୍ର ଉନ୍ନୟନ ଯୋଜନା ମାଧ୍ୟମରେ ମୋଟ 2685.92 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

iv) 2000–2001 ବର୍ଷଠାରୁ ଜଳବିଭାଜିକା ଉନ୍ନୟନ ଯୋଜନାକୁ ବିଶେଷ ଗୁରୁତ୍ୱ ଦିଆଯାଉଅଛି । ଚଳିତ 2004–05 ବଜେଟ୍ ରେ କର୍ମଯୋଜନାରେ (work plan) 300 ଲକ୍ଷ, ସମନ୍ୱିତ ଜଳବିଭାଜିକା ଉନ୍ନୟନ ଯୋଜନାରେ 59ଲକ୍ଷ, ମରୁଡି ପ୍ରପୀଡିତ ଅଞ୍ଚଳ (ଡିପିଏପି) ରେ 150.77 ଲକ୍ଷ ଏବଂ ଆର୍.ଏଲ୍.ଟି.ଏ.ପି.

ଅନ୍ତର୍ଗତ କେବିକେ ଜିଲ୍ଲା ଗୁଡିକରେ ସ୍ୱତନ୍ତ୍ର ଉନ୍ନୟନ ଯୋଜନା ଅଧୀନରେ ଜଳବିଭାଜିକା ଉନ୍ନୟନ ନିମନ୍ତେ 2037.50 ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି । ଜଳବିଭାଜିକା ଉନ୍ନୟନ ମିଶନ୍‌କୁ ଆବଶ୍ୟକୀୟ ବୈଷୟିକ କର୍ମଚାରୀ ଯୋଗାଇ ଦିଆଯାଇ ନିକଟରେ ସୁଦୃଢ କରାଯାଇଅଛି; ଯେଉଁଥିପାଇଁ କୃଷି ବିଭାଗ ବଜେଟ୍‌ରେ 43 ଲକ୍ଷ ଟଙ୍କାର ଅନୁଦାନ ବରାଦ କରାଯାଇଅଛି ।

ମୋଟ୍ ଉପରେ 2004–05 ମସିହା ପାଇଁ କୃଷି ବିଭାଗ ପାଇଁ ରାଜ୍ୟ ଯୋଜନାରେ 57.00 କୋଟି ଟଙ୍କା ଓ ରାଜ୍ୟ–ଅଣଯୋଜନାରେ 181.76 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ମତ୍ସ୍ୟ ଓ ପଶୁ ସମ୍ପଦ

19. i) ପ୍ରକୃତି ଓଡିଶାକୁ ପ୍ରଚୁର ମତ୍ସ୍ୟସମ୍ପଦର ଅଧିକାରୀ କରିଛି; ଯାହାକି ବ୍ୟାପକ ମତ୍ସ୍ୟ ଉତ୍ପାଦନ କରିବାର ସୁଯୋଗ ପ୍ରଦାନ କରିଛି ଏବଂ ଏହାଦ୍ୱାରା ଆତ୍ମନିଯୁକ୍ତିସୃଷ୍ଟି ହେବା ସଙ୍ଗେସଙ୍ଗେ ସାମାଜିକ ଓ ଆର୍ଥିକ ଅବସ୍ଥାର ଉନ୍ନତି ସମ୍ଭବ ହୋଇପାରିଛି ।

ii) ମତ୍ସ୍ୟ ଚାଷର ଉନ୍ନତିପାଇଁ ସରକାର ବିବିଧ ପଦକ୍ଷେପମାନ ନେଇଛନ୍ତି । ରାଜ୍ୟର ପରିବର୍ତ୍ତିତ ଦୀର୍ଘମିଆଦୀ କାର୍ଯ୍ୟସୂଚୀ (RLTAP) ଏବଂ "ଜଳଭଣ୍ଡାର ମତ୍ସ୍ୟନୀତି" ପ୍ରଣୟନ ହେବାଦ୍ୱାରା

2004–05 ମସିହାରେ 67 କୋଟି ମତ୍ସ୍ୟ ଜାଆଁଳ ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

iii) ଚଳିତ 2004–05 ମସିହାରେ ମତ୍ସ୍ୟଚାଷ ଉନ୍ନୟନ ସଂସ୍ଥା ଯୋଜନାରେ ମହିଳାମାନଙ୍କର ଉନ୍ନତି ନିମନ୍ତେ ଗୁରୁତ୍ୱ ଦିଆଯାଇଅଛି । ଏଥିପାଇଁ ଅଟକଳ ଥିବା 180.28 ଲକ୍ଷ ଟଙ୍କା ମଧ୍ୟରୁ 35.00 ଲକ୍ଷ ଟଙ୍କା ମହିଳାମାନଙ୍କ ଉନ୍ନତି ପାଇଁ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ 2002–03 ମସିହାରେ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମହିଳାମାନଙ୍କୁ ତାଲିମ ଜରିଆରେ ଆତ୍ମନିଯୁକ୍ତି ଯୋଜନା ପ୍ରଚଳିତ ହୋଇଅଛି । ଏହି ଯୋଜନା ଅନୁସାରେ ସମୁଦ୍ର ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ମହିଳା ସମବାୟ ସମିତି ଗଠନ କରି ଏହାର ସଭ୍ୟାମାନଙ୍କୁ ସ୍ୱାସ୍ଥ୍ୟକର ଶୁଖୁଆ ପ୍ରସ୍ତୁତି, ସ୍ୱାସ୍ଥ୍ୟଶିକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସମବାୟ ସମିତିର ପରିଚାଳନା ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଅଛି ।

iv) ପଶୁପାଳନ ଦୁଗ୍ଧ ଉନ୍ନୟନ ସଂସ୍ଥା ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କର ଆର୍ଥିକ ଓ ସାମାଜିକ ଉନ୍ନତି କରିବା ପାଇଁ କାର୍ଯ୍ୟ କରିଆସୁଅଛି । ନୂତନ କୃଷି ନୀତିରେ ରାଜ୍ୟରେ ଅଧିକ ପରିମାଣରେ ଦୁଗ୍ଧ, ଅଣ୍ଡା ଓ ମାଂସ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇ ବୈଜ୍ଞାନିକ ପଦ୍ଧତିରେ ଉନ୍ନତ ମାନର ପଶୁ ପକ୍ଷୀ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ବିଶେଷତଃ ରାଜ୍ୟର ଜୈବିକ

ପଶୁ ଟିକା ଉତ୍ପାଦାନାଗାର ଗୁଡିକୁ ସୁଦୃଢ କରି ଅଧିକ ପଶୁ ଟିକା ଉତ୍ପାଦନ କରାଯିବାର ଲକ୍ଷ୍ୟ ରଖାଯାଇଛି ।

v) 2004–05 ଆର୍ଥିକ ବର୍ଷରେ ପଶୁ ସମ୍ପଦ ଓ ମତ୍ସ୍ୟ ଚାଷର ବିକାଶ ପାଇଁ ମୋଟ 7.81 କୋଟି ଟଙ୍କା ରାଜ୍ୟ ଯୋଜନାରେ ଓ 97.02 କୋଟି ଟଙ୍କା ଅଣ ଯୋଜନାରେ ବ୍ୟୟ ବରାଦ କରାଯାଇଛି ।

ଜଙ୍ଗଲ 20. ଅଗଣିତ ଆଦିବାସୀ ଭାଇ ଓ ଭଉଣୀ ସେମାନଙ୍କର ଜୀବିକା ନିର୍ବାହ ପାଇଁ ମୁଖ୍ୟତଃ ଜଙ୍ଗଲ ସମ୍ପଦ ଉପରେ ନିର୍ଭର କରିଥାନ୍ତି । କିନ୍ତୁ କ୍ରମାଗତ ଭାବେ ଜଙ୍ଗଲ ସମ୍ପଦର ଯେପରି ଅବକ୍ଷୟ ଘଟୁଛି ତାହା ଉଦ୍‌ବେଗର ବିଷୟ । ଏଥିପାଇଁ ସ୍ଥାନୀୟ ଲୋକମାନଙ୍କୁ ଜଙ୍ଗଲ ସମ୍ପଦର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଛି । ସେପ୍ଟେମ୍ବର 2002–03 ମସିହା ସୁଦ୍ଧା 7002 ଟି ବନ ସଂରକ୍ଷଣ ସମିତି ଗଠନ କରାଯାଇଛି ଏବଂ 6,68,894.09 ହେକ୍ଟର ଜଙ୍ଗଲ ଏମାନଙ୍କ ତତ୍ତ୍ୱାବଧାନରେ ରହିଅଛି । JBIC Assisted Orissa Forest Sector Development Project ପାଇଁ 25.00 କୋଟି ଟଙ୍କା, SIDA Assisted Capacity Building for Management of Degraded Forest ପାଇଁ 2.67 କୋଟି ଟଙ୍କା ଓ କେ.ବି.କେ. ଜିଲ୍ଲାଗୁଡିକରେ 13085 ହେକ୍ଟର ଜମିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ 24.00 କୋଟି ଟଙ୍କାର ବ୍ୟୟ ବରାଦ

ରାଜ୍ୟ ଯୋଜନାର କାର୍ଯ୍ୟକ୍ରମ ଭିତରେ ଅନ୍ତର୍ଭୁକ୍ତ କରାଯାଇଛି । 2004–05 ଆର୍ଥିକ ବର୍ଷ ବଜେଟ୍‌ରେ ଏ ବାବଦରେ ରାଜ୍ୟ ଯୋଜନାରେ ମୋଟ 60.83 କୋଟି ଟଙ୍କା ଓ ଅଣ ଯୋଜନାରେ 80.82 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ପଞ୍ଚାୟତିରାଜ 21. (i) ପଞ୍ଚାୟତିରାଜ ବିଭାଗ ଗ୍ରାମାଞ୍ଚଳ ଲୋକଙ୍କର ଅର୍ଥନୈତିକ ଉନ୍ନତି ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପ୍ରଣୟନ କରେ । ଏ ସବୁ କାର୍ଯ୍ୟକ୍ରମ ଆତ୍ମନିଯୁକ୍ତି ଏବଂ ଶ୍ରମଭିତ୍ତିକ ନିଯୁକ୍ତି ଦ୍ୱାରା ଆୟ ବୃଦ୍ଧି ପାଇଁ ଉଦ୍ଦିଷ୍ଟ । 2003–04 ମସିହାର ମୂଳ ବଜେଟ୍‌ରେ ପଞ୍ଚାୟତିରାଜ ବିଭାଗ ପାଇଁ ରାଜ୍ୟ ଯୋଜନାରେ 157.18 କୋଟି ଟଙ୍କା ରଖାଯାଇଥିଲାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ 228.98 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଚାଲୁ ରହିଥିବା କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ 75 ଓ 25 ଭାଗ ଅନୁପାତରେ ଅର୍ଥ ଯୋଗାଇ ଦେଇଛନ୍ତି । ଅଧିକ କେନ୍ଦ୍ରୀୟ ସହାୟତା ଉପଲବ୍ଧ କରିବା ଉଦ୍ଦେଶ୍ୟରେ ଏସ୍. ଜି. ଆର୍. ୱାଇ ( SGRY ), ଏସ୍. ଜି .ଏସ୍. ୱାଇ. (SGSY), ଇନ୍ଦିରା ଆବାସ (IAY) ଇତ୍ୟାଦି କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟ ଅଂଶ ବାବଦକୁ 2003–04 ମସିହା ମୂଳ ବଜେଟରେ 89.67 କୋଟି ଟଙ୍କା ଥିଲାବେଳେ ଚଳିତ ଆର୍ଥିକ ବର୍ଷରେ ଏହାକୁ 220.31କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

(ii) ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ କର୍ମନିଯୁକ୍ତି ଦେବା ସଙ୍ଗେ ସଙ୍ଗେ ଖାଦ୍ୟ ନିରାପତ୍ତାରେ ସ୍ୱାବଲମ୍ବୀ କରାଇବା ସମ୍ପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା (S.G.R.Y.) ର ମୂଳ ଲକ୍ଷ୍ୟ । ଏଥିସହିତ ଗ୍ରାମାଞ୍ଚଳରେ ସାମାଜିକ, ଅର୍ଥନୈତିକ ଭିତ୍ତିଭୂମି ସ୍ଥାପନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ 2003–04 ଆର୍ଥିକ ବର୍ଷ ଶେଷ ସୁଦ୍ଧା 314781.36 ମେଟ୍ରିକ୍ ଟନ୍ ଚାଉଳ ସହିତ 38608.74 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ 618.57 ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଅଛି । ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥାତ୍ 2004–05 ଆର୍ଥିକ ବର୍ଷରେ 295504 ମେଟ୍ରିକ୍ ଟନ୍ ଚାଉଳ ଓ 35423.07 ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ 595.65 ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯିବା ପାଇଁ ପ୍ରସ୍ତାବ ଅଛି ।

ଗ୍ରାମୀଣ ସ୍ୱ–ରୋଜଗାର ଯୋଜନା

(iii) ପଞ୍ଚାୟତି ରାଜ ବିଭାଗ ତରଫରୁ ରାଜ୍ୟରେ 2003–04 ଆର୍ଥିକ ବର୍ଷ ଠାରୁ "ବଜାର, ସଡକ ଓ ପାଣି" ନାମକ ଏକ ନୂତନ ଯୋଜନା ହାତକୁ ନିଆଯାଇଅଛି । ପଞ୍ଚାୟତ ସ୍ତରରେ ଜନଗହଳି ଅଞ୍ଚଳରେ ବିପଣୀ ଗୃହ ନିର୍ମାଣ ଓ ହରିଜନ/ଆଦିବାସୀ ବେକାର ଯୁବକ ଯୁବତୀ ମାନଙ୍କୁ ଏହାର ହସ୍ତାନ୍ତର, ଗ୍ରାମପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଗମନାଗମନର ସୁବିଧା ଏବଂ ପୁରାତନ ପୁଷ୍କରିଣୀର ପୁନଃରୁଦ୍ଧାର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଏହାର ହସ୍ତାନ୍ତର–ଏହି ଯୋଜନାର ମୂଳ ଲକ୍ଷ୍ୟ ।

(iv) "ବିଜୁ ଗ୍ରାମୀଣ ବଜାର ଯୋଜନା" ନାମରେ ନାମିତ ଯୋଜନାରେ S.G.RY. ପାଣ୍ଠିରୁ 22.57 ଶତାଂଶ ଅର୍ଥ ବିନିଯୋଗ କରାଯାଉଅଛି । ଗତ ବର୍ଷରେ ଏହି ଗ୍ରାମୀଣ ବଜାର ଯୋଜନାର ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଜିଲ୍ଲା ପରିଷଦ ଓ ପଞ୍ଚାୟତ ସମୀତିର ଲୋକହିତକର ପାଣ୍ଠିରୁ ଏଥି ନିମିତ୍ତ ବ୍ୟୟ ବରାଦ କରାଯାଉଅଛି ।

ମହିଳା ଓ ଶିଶୁ ବିକାଶ

22. i) ରାଜ୍ୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ 1998–99 ମସିହା ସୁଦ୍ଧା ମୋଟ 5,30,000 ଅସହାୟ ବୃଦ୍ଧ ଓ ବୃଦ୍ଧା ପେନ୍‌ସନ୍ ପାଉଥିଲେ ସେଥିମଧ୍ୟରୁ କେ.ବି.କେ. ଜିଲ୍ଲାରୁ 1,41,676 ହିତାଧିକାରୀ ଅନ୍ତର୍ଭୁକ୍ତ । 1999–2000 ମସିହାରେ 10,000 , 2000–01 ମସିହାରେ 50,000 ଓ 2002–03 ମସିହାରେ 50,000 ଏହିପରି ମୋଟ୍ 1,10,000 ଅଧିକ ହିତାଧିକାରୀ ମାନଙ୍କୁ ପେନସନ୍ ଯୋଗାଇ ଦିଆଯାଇଛି; ଯେଉଁଥିରେ କେ.ବି.କେ. ଜିଲ୍ଲାରୁ 22,850 ହିତାଧିକାରୀ ଅନ୍ତର୍ଭୁକ୍ତ ଅଟନ୍ତି । ଚଳିତ ଆର୍ଥିକ ବର୍ଷରେ ଆହୁରି 35,000 ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଓ ଏଥିରେ କେ.ବି.କେ. ଜିଲ୍ଲାରୁ 7050 ହିତାଧୀକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ବର୍ତ୍ତମାନ କେ.ବି.କେ. ଜିଲ୍ଲାରୁ 1,71,578 ହିତାଧିକାରୀଙ୍କ ସମେତ ମୋଟ୍ 6,75,000 ଲୋକ ରାଜ୍ୟ ବାର୍ଦ୍ଧକ୍ୟ ଯୋଜନାରେ ଉପକୃତ ହେବେ ।

ସେହିପରି ଓଡିଶା ଅକର୍ମଣ୍ୟ ଯୋଜନାରେ ଥିବା ହିତାଧିକାରୀଙ୍କ ସଂଖ୍ୟା 2004–05 ମସିହାରେ 15000 କୁ ବୃଦ୍ଧି କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଓ ଏହି ହିତାଧିକାରୀଙ୍କ ସଂଖ୍ୟା 2004–05 ମସିହା ଶେଷ ବେଳକୁ 1 ଲକ୍ଷ 15 ହଜାର ରେ ପହଞ୍ଚିବ । ଏତଦ୍‌ବ୍ୟତୀତ ଜାତୀୟ ବାର୍ଦ୍ଧକ୍ୟ ଯୋଜନାରେ ଆମ ରାଜ୍ୟରେ ମୋଟ୍ 4,93,400 ହିତାଧିକାରୀ ଉପକୃତ ହେଉଛନ୍ତି ଏବଂ ସେଥିମଧ୍ୟରୁ କେ.ବି.କେ. ଜିଲ୍ଲାରୁ 2,16,984 ହିତାଧିକାରୀ ଅଛନ୍ତି । ସମସ୍ତ ବାର୍ଦ୍ଧକ୍ୟ ଭତ୍ତା ଓ ଅକର୍ମଣ୍ୟ ଯୋଜନାରେ ଭତ୍ତା ପାଉଥିବା ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ ମାସର ୧୫ ତାରିଖ ଦିନ ଭତ୍ତା ପ୍ରଦାନ କରାଯାଉଛି । ଏହି ଦିନଟିକୁ ଜନସେବା ଦିବସ ଭାବେ ନାମିତ କରାଯାଇଅଛି ।

ii) "ଜାତୀୟ ପୁଷ୍ଟିକର ଲକ୍ଷ୍ୟ" କାର୍ଯ୍ୟକ୍ରମରେ ଏକ ପାଇଲଟ୍ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି, ଯେଉଁଥିରେ କି କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାରେ ପ୍ରାୟ 1,19,121 ଜଣ ପୁଷ୍ଟିହୀନ କିଶୋରୀ, ଗର୍ଭବତୀ ମହିଳା ଏବଂ ପ୍ରସୂତି ମା ମାନଙ୍କୁ ଜଣ ପିଛା ମାସିକ 6 କି.ଗ୍ରା. ମାଗଣା ଚାଉଳ ଯୋଗାଇ ଦିଆଯାଇଛି । ଏହି ଯୋଜନା ପାଇଁ 2004–05 ଆର୍ଥିକ ବର୍ଷରେ ମୋଟ 537.51 ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଟକଳ କରାଯାଇଅଛି ।

iii) ବିଶ୍ୱବ୍ୟାଙ୍କ ସହାୟତା ପ୍ରଦାନ କରୁଥିବା କେନ୍ଦ୍ରୀୟ ଯୋଜନା ଆଇ.ସି.ଡି.ଏସ୍ – ପ୍ରକଳ୍ପରେ ଓଡିଶାକୁ ଅନ୍ତର୍ଭୁକ୍ତ କରାଯାଇଅଛି ।

ଏହି ପ୍ରକଳ୍ପ ନିମନ୍ତେ କେନ୍ଦ୍ର ସରକାର 2108.61 ଲକ୍ଷ ଟଙ୍କା ଯୋଗାଇଦେବେ । 2004–05 ଆର୍ଥିକ ବର୍ଷରେ ଉପରୋକ୍ତ ଯୋଜନାରେ ବ୍ୟୟ ଅଟକଳ କରାଯାଇଥିବା 2108.61 ଲକ୍ଷ ଟଙ୍କାକୁ ଅଙ୍ଗନବାଡି ଗୃହ ନିର୍ମାଣ ଯୋଜନା, ନଳକୂପ ସ୍ଥାପନ ଯୋଜନା ଏବଂ ପିଲାମାନଙ୍କ ନିମିତ୍ତ କାର୍ଯ୍ୟକାରୀ କରାଯାଉଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା କରାଯାଇଅଛି । 2004–05 ଆର୍ଥିକ ବର୍ଷ ଠାରୁ ବିଦ୍ୟାଳୟରେ ପଢୁଥିବା ଅକର୍ମଣ୍ୟ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରାଯାଉଥିବା ବୃତ୍ତି ରାଶିକୁ ମାସକୁ 300 ଟଙ୍କାରୁ 500 ଟଙ୍କାକୁ ବୃଦ୍ଧି କରାଯାଇଛି ।

iv) ରାଜ୍ୟ ମିଶନ ଶକ୍ତି ଯୋଜନାରେ ପ୍ରାୟ 1,19,994 ନୂତନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇଅଛି । ଏହି ସ୍ୱୟଂ ସହାୟିକା ଗୋଷ୍ଠୀରେ ପ୍ରାୟ 15 ଲକ୍ଷ ସଦସ୍ୟା 46 କୋଟି ଟଙ୍କାର ସଂଚୟ ସୃଷ୍ଟି କରିପାରିଛନ୍ତି । ଏତଦ୍‌ବ୍ୟତୀତ 45 ହଜାର ମହିଳାଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା 75 କୋଟି ଟଙ୍କା ଆନୁଷ୍ଠାନିକ ଋଣ ପ୍ରଦାନ କରାଯାଇଅଛି । ରାଜ୍ୟରେ ଥିବା ପ୍ରାୟ 5780 ଦୁର୍ବଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ 2003–04 ଆର୍ଥିକ ବର୍ଷରେ 2 କୋଟି 89 ଲକ୍ଷ ଟଙ୍କାର ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଅଛି ।

v) 2004–05 ଆର୍ଥିକ ବର୍ଷରେ ଏହି ବିଭାଗ ପାଇଁ ରାଜ୍ୟଯୋଜନାରେ 156.53 କୋଟି ଟଙ୍କା, କେନ୍ଦ୍ର ଯୋଜନା

ମାଧ୍ୟମରେ 169.46 କୋଟି ଟଙ୍କା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ 0.06 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ଏବଂ ଅଣଯୋଜନା ବାବଦରେ 112.68 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ଆଦିବାସୀ ଓ ହରିଜନ ଉନ୍ନୟନ

23. (i) ଆଦିବାସୀ ଓ ହରିଜନଙ୍କ ଆର୍ôଥିକ ଅବସ୍ଥାର ଉନ୍ନତି ଓ ସେମାନଙ୍କର ସାମାଜିକ ସଶକ୍ତିକରଣ ଆମ ସରକାରଙ୍କର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଆଦିବାସୀ ଓ ହରିଜନ ଛାତ୍ର ଛାତ୍ରୀଙ୍କର ଶିକ୍ଷାରେ ଉନ୍ନତି ଆଣିବା ପାଇଁ ରାଜ୍ୟରେ 55 ଟି ବାଳିକା ଉଚ୍ଚବିଦ୍ୟାଳୟ ସମେତ 218 ଟି ଉଚ୍ଚବିଦ୍ୟାଳୟ, 37ଟି କନ୍ୟାଶ୍ରମ ସହ 149ଟି ଆଶ୍ରମ ବିଦ୍ୟାଳୟ, ଆଦିବାସୀ ଛାତ୍ର–ଛାତ୍ରୀଙ୍କ ପାଇଁ 10 ଟି ନମୁନା (Model) ଆଦିବାସୀ ବିଦ୍ୟାଳୟ, 143ଟି ଆବାସିକ ସେବାଶ୍ରମ ଓ 1548ଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ଅଛି । ଏତଦ୍‌ବ୍ୟତୀତ କେ.ବି.କେ. ଅଞ୍ଚଳରେ ଦୀର୍ଘମିଆଦି କ୍ରିୟାଭିମୁଖୀ ଯୋଜନା (R.L.T.A.P) ଅର୍ନ୍ତଗତ 400 ଟି ଆଦିବାସୀ ଛାତ୍ରୀ ନିବାସ ନିର୍ମିତ ହୋଇଛି । ପ୍ରତି ବର୍ଷ ଆଦିବାସୀ ଛାତ୍ର–ଛାତ୍ରୀ ମାନଙ୍କୁ ମାଗଣାରେ ଜାତୀୟ କରଣ ପାଠ୍ୟ ପୁସ୍ତକ, ଲେଖା ଓ ପଢା ପାଠ୍ୟ ଉପକରଣ ଏବଂ ମାଗଣା ଶିକ୍ଷା ପ୍ରଦାନ ସହ ଛାତ୍ର ବୃତ୍ତି ଯୋଗାଇ ଦିଆଯାଉଛି । 2004–05 ମସିହା ବଜେଟ୍ ରେ ରାଜ୍ୟ ଅଣ ଯୋଜନାରେ 21.87 କୋଟି ଟଙ୍କା ଏବଂ ରାଜ୍ୟ ଯୋଜନାରେ

36.98 କୋଟି ଟଙ୍କା ଛାତ୍ର ବୃତ୍ତି ଓ ଭତ୍ତା (Scholarship & Stipend) ବାବଦକୁ ବ୍ୟୟ ବରାଦ କରାଯାଇଛି ।

(ii) ଆଦିବାସୀ ଅଞ୍ଚଳ ତଥା ଆଦିବାସୀମାନଙ୍କ ସମନ୍ୱିତ ବିକାଶ ନିମନ୍ତେ 430.73 କୋଟି ଟଙ୍କା ପ୍ରସ୍ତାବିତ ବ୍ୟୟରେ ଦକ୍ଷିଣାଞ୍ଚଳର କୋରାପୁଟ, ରାୟଗଡା, ମାଲକାନାଗିରି, ନବରଙ୍ଗପୁର, କଳାହାଣ୍ଡି, ଗଜପତି ଓ କନ୍ଧମାଳ ଜିଲ୍ଲାର 30ଟି ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ରେ ଆଇ.ଏଫ୍.ଡି., ଡି.ଏଫ.ଆଇ.ଡି, ଡବ୍ଲୁ.ଏଫ.ସି. ସହାୟତାରେ "ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା କାର୍ଯ୍ୟକ୍ରମ" ହାତକୁ ନିଆଯାଇଅଛି । ଏଥିନିମନ୍ତେ ଚଳିତ ବର୍ଷ ବଜେଟ୍‌ରେ 30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

(iii) ମୋଟ୍ ଉପରେ ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଜନସାଧାରଣଙ୍କ ପାଇଁ ଚଳିତ ବର୍ଷ ବଜେଟରେ ରାଜ୍ୟ ଯୋଜନାରେ 166.11 କୋଟି ଟଙ୍କା ଓ ରାଜ୍ୟ ଅଣଯୋଜନାରେ 104.83 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

24. i) ମାନ୍ୟବର ପ୍ରଧାନମନ୍ତ୍ରୀ ତା 15–7–2003 ରିଖରେ ଭୁବନେଶ୍ୱରସ୍ଥିତ ସିଜୁଆ ଠାରେ "ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସର୍ବ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ" ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ବିଶେଷ ଡାକ୍ତରଖାନା ପାଇଁ ରାଜ୍ୟ ସରକାର କେନ୍ଦ୍ର

ସରକାରଙ୍କୁ 100 ଏକର ଜମି ମାଗଣାରେ ଯୋଗାଇ ଦେଇଛନ୍ତି । ଏହା କାର୍ଯ୍ୟକ୍ଷମ ହେଲେ ଓଡିଶାରେ ଉନ୍ନତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇପାରିବ ।

ii) ରାଜ୍ୟରେ ତିନିଗୋଟି ଭେଷଜ ମହାବିଦ୍ୟାଳୟ ଅଛି । ବେସରକାରୀ ସ୍ତରରେ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ଖୋଲିବା ପାଇଁ 11 ଗୋଟି ସଂସ୍ଥାକୁ ସରକାର ଆପତ୍ତି ବିହୀନ ସାର୍ଟିଫିକେଟ (No Objection Cerfiticate) ପ୍ରଦାନ କରିଛନ୍ତି । ଇତିମଧ୍ୟରେ ପଶ୍ଚିମଓଡିଶା ବିକାଶ ପରିଷଦ ଆନୁକୁଲ୍ୟରେ ତିନୋଟି ଭେଷଜ ମହାବିଦ୍ୟାଳୟ ଯଥା ବଲାଙ୍ଗୀର, ଭବାନୀପାଟଣା ଓ ରାଉରକେଲାରେ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି । ଏଥିନିମିତ୍ତ ରାଜ୍ୟ ସରକାର ବିନା ମୂଲ୍ୟରେ 25 ଏକର ଜମି ଯୋଗାଇ ଦେବେ ଏବଂ ପଶ୍ଚିମ ଓଡିଶା ବିକାଶ ପରିଷଦ ଏହି 3ଟି ଭେଷଜ ମହାବିଦ୍ୟାଳୟ ପାଇଁ 3 ବର୍ଷରେ 10 କୋଟି ଟଙ୍କା ଯୋଗାଇ ଦେବେ । ଏହା ଦ୍ୱାରା ପଶ୍ଚିମ ଓଡିଶାବାସୀଙ୍କ ବହୁ ଦିନର ଦାବୀ ସାକାର ହେବାକୁ ଯାଉଛି । ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁଁ ଏହା ସମ୍ଭବପର ହେବାକୁ ଯାଉଛି ।

iii) 2005 ମସିହା ସୁଦ୍ଧା ଶିଶୁ ମୃତ୍ୟୁହାର ପ୍ରତି ହଜାରରେ ଜୀବିତ ଜନ୍ମିତ ଶିଶୁ ମଧ୍ୟରୁ ଷାଠିଏକୁ ହ୍ରାସ କରିବା ନିମନ୍ତେ ସମଗ୍ର

ରାଜ୍ୟରେ 2001 ମସିହା ଅଗଷ୍ଟ ମାସଠାରୁ "ଶିଶୁ ମୃତ୍ୟୁହ୍ରାସ ମିଶନ" କାର୍ଯ୍ୟ କରୁଅଛି । ନିରାପଦ ପ୍ରସବ ନିମିତ୍ତ ସରକାର ଡାକ୍ତରଖାନା ମାନଙ୍କରେ ପ୍ରସବ ବ୍ୟବସ୍ଥାକୁ ଉତ୍ସାହିତ କରିବା ପାଇଁ ଗର୍ଭବତୀ ମହିଳା ମାନଙ୍କର ଯାତାୟତ ଖର୍ଚ୍ଚ ବହନ କରୁଛନ୍ତି । ଏହାଦ୍ୱାରା ଶିଶୁ ମୃତ୍ୟୁହାର ମଧ୍ୟ ହ୍ରାସ ପାଇବ । ଶିଶୁ ମୃତ୍ୟୁହାର ହ୍ରାସ ନିମନ୍ତେ ଚଳିତ ଆର୍ଥିକ ବର୍ଷରେ 100 ଲକ୍ଷ ଟଙ୍କା ବ୍ୟୟ ବରାଦର ଯୋଜନା ଅଛି ।

iv) ସ୍ୱାସ୍ଥ୍ୟସେବାର ଉନ୍ନତି ନିମନ୍ତେ ରାଜ୍ୟରେ 8 ଗୋଟି ଆଞ୍ଚଳିକ ରୋଗନିରୁପଣ କେନ୍ଦ୍ର ପ୍ରତିଷ୍ଠାପାଇଁ ଏକାଦଶ ଅର୍ଥ କମିଶନ 24 କୋଟି ଟଙ୍କା ଅନୁଦାନ ରୂପେ ଦେଇଛନ୍ତି । ସମସ୍ତ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ ଖୁବ୍ ଶୀଘ୍ର ସେଗୁଡିକ କାର୍ଯ୍ୟ କରିବ ।

v) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ରାଜ୍ୟ ଯୋଜନାରେ 193.39 କୋଟି ଟଙ୍କା ଓ ଅଣ ଯୋଜନାରେ 380.22 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ବିଦ୍ୟାଳୟ ଓ ଗଣ ଶିକ୍ଷା

25. i) ସମାଜର ସାମୁହିକ ବିକାଶ ନିମନ୍ତେ ଶିକ୍ଷା ମୁଖ୍ୟତଃ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷା, ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଆପଣମାନେ ଜାଣି ଖୁସି ହେବେ ଯେ କେନ୍ଦ୍ର ସରକାରଙ୍କର ଶତପ୍ରତିଶତ ଆର୍ଥିକ ଅନୁଦାନରେ ଏବଂ "ରାଜ୍ୟ ସାକ୍ଷରତା ମିଶନ"ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବିଭକ୍ତ କୋରାପୁଟ,

ବଲାଙ୍ଗିର, କଳାହାଣ୍ଡି ଜିଲ୍ଲା ଏବଂ ଗଜପତି ଜିଲ୍ଲାରେ "ସମୟ ଭିତ୍ତିକ ମହିଳା ସାକ୍ଷରତା କାର୍ଯ୍ୟକ୍ରମ" ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଅତି କମ୍‌ରେ ପ୍ରାୟ 9.10 ଲକ୍ଷ ନିରକ୍ଷର ମହିଳାଙ୍କୁ ସାକ୍ଷର କରାଇବାର ଲକ୍ଷ୍ୟ ରହିଛି ।

ii) ମୌଳିକ ଶିକ୍ଷାକୁ ସାର୍ବଜନୀନ କରିବା ଉଦ୍ଦେଶ୍ୟରେ "ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ" ଆରମ୍ଭ ହୋଇଛି । ପ୍ରଥମତଃ ଏହି ଶିକ୍ଷା ପ୍ରକଳ୍ପ ରାଜ୍ୟର ଆଠ ଗୋଟି ଜିଲ୍ଲାରେ ବିଶ୍ୱ ବ୍ୟାଙ୍କ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଆଉ ଆଠ ଗୋଟି ଜିଲ୍ଲାକୁ ସଂପ୍ରସାରିତ ହୋଇଛି । ଏଥି ନିମିତ୍ତ ବିଶ୍ୱ ବ୍ୟାଙ୍କ ଓ ଡି.ଏଫ୍.ଆଇ.ଡି. ସାହାଯ୍ୟ ଭାରତ ସରକାରଙ୍କ ଜରିଆରେ ପ୍ରାଥମିକ ଶିକ୍ଷା ପ୍ରକଳ୍ପକୁ ରାଜ୍ୟ ବଜେଟ୍ ବାହାରେ ସିଧା ସଳଖ ମିଳୁଅଛି । 2003–04 ମସିହାରେ ଏଥିନିମିତ୍ତ 109.38 କୋଟି ଟଙ୍କା ପ୍ରାଥମିକ ଶିକ୍ଷା ପ୍ରକଳ୍ପକୁ ମିଳିଥିଲା ।

iii) କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅଧୀନରେ "ସର୍ବଶିକ୍ଷା ଅଭିଯାନ" ନାମକ ଶିକ୍ଷା ପ୍ରକଳ୍ପ ରାଜ୍ୟର ସମସ୍ତ 30 ଗୋଟି ଜିଲ୍ଲାରେ 2002–03 ମସିହାରୁ କାର୍ଯ୍ୟକାରୀ ହେଉଅଛି । 2003–04 ମସିହାରେ ଏଥି ନିମିତ୍ତ ଜିଲ୍ଲା ପ୍ରାଇମେରୀ ଶିକ୍ଷା ପ୍ରକଳ୍ପ (DPEP) କେନ୍ଦ୍ର ସରକାରଙ୍କ ଠାରୁ ସିଧାସଳଖ ରାଜ୍ୟ ବଜେଟ୍ ବାହାରେ 130.95 କୋଟି ଟଙ୍କା ଓ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ ରାଜ୍ୟ ବଜେଟ୍ ଜରିଆରେ 18.86 କୋଟି ଟଙ୍କା ପାଇଛନ୍ତି ଓ 158.12 କୋଟି

ଟଙ୍କା ଖର୍ଚ୍ଚ କରିଛନ୍ତି । ଚଳିତ ବଜେଟ୍‌ରେ ରାଜ୍ୟ ସରକାରଙ୍କ ଅଂଶ ବାବଦକୁ "ସର୍ବଶିକ୍ଷା ଅଭିଯାନ" ପାଇଁ 23 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

iv) ସେହିପରି ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ନିୟମିତ ଶିକ୍ଷକ ପଦବୀ ଗୁଡିକୁ ସ୍ୱେଚ୍ଛାସେବୀ ସହାୟକମାନଙ୍କ ଦ୍ୱାରା ମାସିକ 1500 ଟଙ୍କା ବେତନରେ ଗ୍ରାମ୍ୟ ଶିକ୍ଷା କମିଟି (Village Education Committee) ଜରିଆରେ ପୂରଣ କରିବାକୁ ପଦକ୍ଷେପ ନିଆଯାଉଅଛି ।

v) ପୌରାଞ୍ଚଳରେ ଥିବା ସ୍କୁଲ ଗୁଡିକୁ ସରକାରୀ ସ୍କୁଲଭାବେ ଘୋଷଣା କରାଯାଇଥିବାରୁ ସେଥିନିମିତ୍ତ 9 କୋଟି ଟଙ୍କା ଓ ନୂତନ ଭାବେ ଅନୁଦାନ ପାଇବାପାଇଁ ବିବେଚିତ ଉଚ୍ଚବିଦ୍ୟାଳୟ ପାଇଁ ବ୍ଲକ ଗ୍ରାଣ୍ଟ ହିସାବରେ 5 କୋଟି ଟଙ୍କା ଚଳିତ ବଜେଟ୍‌ରେ ରାଜ୍ୟ ଯୋଜନାରେ ବ୍ୟୟ ବରାଦ କରାଯାଇଛି ।

ମୋଟ୍ ଉପରେ ସ୍କୁଲ ଓ ଗଣଶିକ୍ଷା ପାଇଁ ରାଜ୍ୟ ଯୋଜନାରେ 89.72 କୋଟି ଟଙ୍କା ଓ ଅଣ ଯୋଜନାରେ 1515.44 କୋଟି ଟଙ୍କା ଚଳିତ ଆର୍ଥିକ ବର୍ଷରେ ବ୍ୟୟ ବରାଦ କରାଯାଇଛି ।

ଗ୍ରାମ୍ୟ
ଉନ୍ନୟନ

26. (i) ରାଜ୍ୟର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କର ଜୀବନଧାରଣ ମାନକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ସରକାର ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ, ଗୁରୁତ୍ୱପୂର୍ଣ୍ଣ କୋଠାବାଡି ନିର୍ମାଣ, ନିରାପଦ ପାନୀୟ ଜଳଯୋଗାଣ ଓ ଉତ୍ତମ ପରିମଳ ସେବା ଯୋଗାଣକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି ।

(ii) 1996–97 ସର୍ବେକ୍ଷଣ ଭିତ୍ତିରେ ରାଜ୍ୟରେ ଚିହ୍ନିତ ସମସ୍ତ 1,14,099ଟି ଜନବସତିକୁ ପାନୀୟ ଜଳଯୋଗାଣ ସଂପୂର୍ଣ୍ଣ କରାଯିବା ପରେ ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲାପାଳମାନଙ୍କ ଦ୍ୱାରା ଚିହ୍ନିତ 22300ଟି ଜନବସତି ମଧ୍ୟରୁ 10487ଟି ଜନବସତିରେ 2003–04 ଆର୍ଥିକ ବର୍ଷରେ ଜଳଯୋଗାଣ କରାଯାଇଛି । 2004–05 ଆର୍ଥିକ ବର୍ଷରେ 417ଟି ଜଳଯୋଗାଣ ପ୍ରକଳ୍ପ ହାତକୁ ନିଆଯାଇ ପ୍ରାୟ 300ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏତଦ୍‌ବ୍ୟତୀତ 14,894ଟି ନଳକୂପ ଓ 400ଟି ପରିମଳକୂପ ସ୍ଥାପନର ମଧ ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ ପାନୀୟ ଜଳଯୋଗାଣ ପାଇଁ 59.53 କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି ।

(iii) "ଗ୍ରାମ୍ୟ ପରିମଳ ଯୋଜନା" ରେ ଓଡିଶାର 15ଟି ଜିଲ୍ଲାରେ "ସମ୍ପୂର୍ଣ୍ଣ ପରିମଳ ଅଭିଯାନ" ନାମକ ଏକ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । 2004 ମସିହା ମାର୍ଚ୍ଚ ମାସ ସୁଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲାପରିଷଦ ଓ ଜିଲ୍ଲାପରିମଳ ମିଶନ

ମାଧ୍ୟମରେ 4,25,275ଟି ଘରୋଇ ପାଇଖାନା, 15052ଟି ବିଦ୍ୟାଳୟ ପାଇଖାନା, 486ଟି ମହିଳା ଶୌଚାଳୟ, 45ଟି ସୁଲଭ ଶୌଚାଳୟ ଓ 311ଟି ପରିମଳ ସାମଗ୍ରୀ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଛି । 2004–05 ଆର୍ଥିକ ବର୍ଷରେ 7 ଲକ୍ଷ 40 ହଜାର ଘରୋଇ ପାଇଖାନା, 12342 ବିଦ୍ୟାଳୟ ପାଇଖାନା ଓ 300 ଟି ମହିଳା ଶୌଚାଳୟ ନିର୍ମାଣର ଲକ୍ଷ୍ୟ ରଖାଯାଇଛି । ଉକ୍ତ ବର୍ଷରେ ଆଉ 9ଟି ଜିଲ୍ଲାକୁ ସମ୍ପୂର୍ଣ୍ଣ ପରିମଳ ଅଭିଯାନରେ ଅନ୍ତର୍ଭୁକ୍ତ କରିବାପାଇଁ ଜାତୀୟ ପ୍ରକଳ୍ପ ପ୍ରବରଣ କମିଟି ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ରାଜ୍ୟର ଅଂଶ ବାବଦକୁ 5.40 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

(iv) ଗ୍ରାମାଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ ନିମନ୍ତେ କେ.ବି.କେ. ଅଞ୍ଚଳରେ 2003–04 ଆର୍ଥିକ ବର୍ଷରେ ଧାର୍ଯ୍ୟଲକ୍ଷ୍ୟ 188ଟି ପ୍ରକଳ୍ପ ମଧ୍ୟରୁ 2004 ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା 114ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । 2004–05 ଆର୍ଥିକ ବର୍ଷରେ 70 ଗୋଟି ପ୍ରକଳ୍ପକୁ K.B.K. ଜିଲ୍ଲାରେ ସମ୍ପୂର୍ଣ୍ଣ କରିବାପାଇଁ ବ୍ୟୟ ବରାଦ କରାଯାଇଛି । 2004–05 ଆର୍ଥିକ ବର୍ଷରେ କୃଷି ଓ ଜାତୀୟ ଗ୍ରାମ୍ୟଉନ୍ନୟନ ବ୍ୟାଙ୍କ (NABARD) ସହାୟତାରେ 50ଟି ସେତୁ ଓ 31ଟି ରାସ୍ତାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ନାବାର୍ଡ ସାହାଯ୍ୟ ପ୍ରାପ୍ତ ଏ ସମସ୍ତ କାର୍ଯ୍ୟ ନିମିତ୍ତ 2004–05 ଆର୍ଥିକ ବର୍ଷରେ 67.85 କୋଟି ଟଙ୍କାର ବ୍ୟୟ ବରାଦ

କରାଯାଇଥିଲାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ରାଜ୍ୟ ଯୋଜନାରେ ସର୍ବମୋଟ୍ 162.36 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ପୂର୍ତ୍ତ

27. (i) 2003–04 ମସିହାରେ 25 ଗୋଟି ସେତୁ ଓ 526 କି.ମି. ଦୈର୍ଘ୍ୟ ବିଶିଷ୍ଟ 94 ଟି ରାସ୍ତାର ଉନ୍ନତିକରଣ ସମ୍ପୂର୍ଣ୍ଣ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ମୋଟ 175.14 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ସେଥିମଧ୍ୟରେ ନାବାର୍ଡ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପରେ 96.04 କୋଟି ଟଙ୍କା, JBIC Japan ଓ World Bank ଜରିଆରେ ଆଶା କରାଯାଉଥିବା ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ପାଇଁ 20.00 କୋଟି ଟଙ୍କା, କେନ୍ଦ୍ରୀୟ ରୋଡ୍‌ଫଣ୍ଡର 31.61 କୋଟି ଟଙ୍କା ଅନ୍ତର୍ଭୁକ୍ତ ଅଟେ ।

(ii) 2004–05 ମସିହାରେ ପର୍ଯ୍ୟଟନ କେନ୍ଦ୍ରଗୁଡିକୁ ସଂଯୋଗ କରୁଥିବା 7 ଗୋଟି ରାସ୍ତା ବ୍ୟତୀତ, ପରିକଳ୍ପିତ 4 କୋଟି ଟଙ୍କା ରୁ ଊର୍ଦ୍ଧ୍ୱ (Costing above rupees 4 crores) 8 ଟି ସେତୁ ଓ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ

28. 103ଟି ପୌରାଞ୍ଚଳରେ ବସବାସ କରୁଥିବା ପ୍ରାୟ 55 ଲକ୍ଷ ଜନସାଧାରଣଙ୍କର ଉନ୍ନତ ଜୀବନ ଶୈଳୀ ଓ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ରାଜ୍ୟ ଯୋଜନା, କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଓ ଅଣ

ଯୋଜନାରେ ଅନେକ ଗୁଡିଏ କାର୍ଯ୍ୟକ୍ରମ କରିଆସୁଛନ୍ତି । 2003–04 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ 43.46 କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ, 2004–05 ଆର୍ଥିକ ବର୍ଷର ରାଜ୍ୟ ଯୋଜନାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ 101.12 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ବସ୍ତି ଉନ୍ନୟନ ପାଇଁ 7.21 କୋଟି ଟଙ୍କା ଏବଂ ଟିଟିଲାଗଡ, ରାଉରକେଲା ଓ ଅନୁଗୁଳ ସହରାଞ୍ଚଳ ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ 8 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ସ୍ୱତନ୍ତ୍ର ସଂଯୋଗୀ କରଣ କାର୍ଯ୍ୟକ୍ରମ

**29.** i) ଆପଣମାନେ ଜାଣି ଖୁସି ହେବେ ଯେ, ଭାରତ ସରକାରଙ୍କର ବଳିଷ୍ଠ ସହଯୋଗରେ କେ.ବି.କେ. ଜିଲ୍ଲା ଗୁଡିକରେ ଗମନାଗମନର ସୁବିଧା ପାଇଁ ଏକ "ସ୍ୱତନ୍ତ୍ର ସଂଯୋଗୀକରଣ କାର୍ଯ୍ୟକ୍ରମ" ତିନି ପର୍ଯ୍ୟାୟରେ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଛି । ଜନ ସଂଖ୍ୟା ଆକାର ନିର୍ବିଶେଷରେ 347 ଟି ଅଣ ସଂଯୋଜିତ ଗ୍ରାମ ପଞ୍ଚାୟତ ଓ 1000 ରୁ ଊର୍ଦ୍ଧ୍ୱ ଜନ ସଂଖ୍ୟା ଥିବା ସମସ୍ତ ଅଣ ସଂଯୋଜିତ ଜନ ବସତିକୁ ପ୍ରଥମ ପର୍ଯ୍ୟାୟରେ ଗମନାଗମନର ସୁବିଧା ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଅଛି । 828.10 କୋଟି ଟଙ୍କାର ଅଟକଳ ଥିବା ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବକୁ ଭାରତ ସରକାର ନୀତିଗତଭାବେ ଅନୁମୋଦନ କରିସାରିଛନ୍ତି ଏବଂ 2003–04 ଆର୍ଥିକ ବର୍ଷରୁ ଏହି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ii) ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ 250ରୁ ବେଶି ଓ 1000ରୁ କମ୍ ଲୋକ ସଂଖ୍ୟା ଥିବା ଜନବସତି ଗୁଡିକୁ ସବୁଦିନିଆ ରାସ୍ତା ଯୋଗାଇ ଦେବା ଓ ମୁଖ୍ୟ ରାଜ୍ୟ ସଡକ, ମୁଖ୍ୟ ଜିଲ୍ଲା ସଡକ ଓ ଅନ୍ୟାନ୍ୟ ଜିଲ୍ଲା ସଡକ ଗୁଡିକୁ ଉନ୍ନିତ କରିବାର ପ୍ରସ୍ତାବ ଅଛି । ଏହି ପରିପ୍ରେକ୍ଷୀରେ ଏକ ସଂଶୋଧିତ ପ୍ରସ୍ତାବ ଭାରତ ସରକାରଙ୍କ ଯୋଜନା ଆୟୋଗଙ୍କ ନିକଟକୁ ଖୁବ୍ ଶୀଘ୍ର ପଠାଯିବ ।

ରାଷ୍ଟ୍ରୀୟ ସମ ବିକାଶ ଯୋଜନା

iii) ଦଶମ ଯୋଜନା କାଳରେ ଭାରତ ସରକାରଙ୍କ ସ୍ୱତନ୍ତ୍ର ମଞ୍ଜୁରୀ ମାଧ୍ୟମରେ ଚିହ୍ନିତ ପଛୁଆ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଆଞ୍ଚଳିକ ବୈଷମ୍ୟକୁ କମାଇବାର ଆଭିମୁଖ୍ୟ ନେଇ 2002–03 ମସିହାଠାରୁ ଯୋଜନା ଆୟୋଗଙ୍କ ଦ୍ୱାରା ଚାଲୁ କରାଯାଇଥିବା ଏକ ନୂତନ ପଦକ୍ଷେପ "ରାଷ୍ଟ୍ରୀୟ ସମବିକାଶ ଯୋଜନା"ର ଏକ ପୂର୍ଣ୍ଣାଙ୍ଗ ଉପାଦାନ ହେଉଛି "ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା" ।

ଗଞ୍ଜାମ ଓ ମୟୁରଭଞ୍ଜ ଜିଲ୍ଲାକୁ ଭାରତ ସରକାରଙ୍କ ଯୋଜନା ଆୟୋଗ 2003–04 ବର୍ଷରୁ ରାଷ୍ଟ୍ରୀୟ ସମବିକାଶ ଯୋଜନାରେ ପଛୁଆ ଜିଲ୍ଲା ଭାବରେ ଅନ୍ତର୍ଭୁକ୍ତ କରିଛନ୍ତି । ଯୋଜନା ଆୟୋଗଙ୍କ ଦ୍ୱାରା ସ୍ଥିରୀକୃତ ମାନାର୍ଦ୍ଦଶ ଅନୁଯାୟୀ ପ୍ରତ୍ୟେକ ଚିହ୍ନିତ ପଛୁଆ ଜିଲ୍ଲା 2003–04 ବର୍ଷରୁ ଆରମ୍ଭ କରି ତିନି ବର୍ଷ ପାଇଁ ବାର୍ଷିକ 15 କୋଟି ଟଙ୍କା ହିସାବରେ ଅତିରିକ୍ତ ପାଣ୍ଠି ପାଇବେ । 2004 ମସିହା ମାର୍ଚ୍ଚ ମାସ ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ବ୍ୟୟ ମନ୍ତ୍ରଣାଳୟ ରାଜ୍ୟ

ସରକାରଙ୍କୁ 10 କୋଟି ଟଙ୍କା ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ପ୍ରଦାନ କରିଛନ୍ତି । ଉକ୍ତ ଅର୍ଥ ଗଞ୍ଜାମ ଓ ମୟୁରଭଞ୍ଜ ଜିଲ୍ଲାର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଯୋଗାଇ ଦିଆଯାଇଅଛି ।

2004–05 ଆର୍ଥିକବର୍ଷ ଠାରୁ ଗଜପତି ଜିଲ୍ଲା ମଧ ରାଷ୍ଟ୍ରୀୟ ସମବିକାଶ ଯୋଜନାରେ ପଛୁଆ ଜିଲ୍ଲା ଭାବରେ ଯୋଜନା ଆୟୋଗଙ୍କ ଦ୍ୱାରା ଅନ୍ତର୍ଭୁକ୍ତ କରାଯାଇଅଛି । କନ୍ଧମାଳ, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାକୁ ଉକ୍ତ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରିବାପାଇଁ ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କୁ ପୁଣି ଥରେ ଅନୁରୋଧ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦ

30. ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ ଆମ ସରକାର ଆନ୍ତରିକ ଉଦ୍ୟମ ଜାରି ରଖିଛନ୍ତି । ପଶ୍ଚିମ ଓଡିଶାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟପାଇଁ ରାଜ୍ୟ ସରକାର ପଶ୍ଚିମ ଓଡିଶା ବିକାଶ ପରିଷଦକୁ ପ୍ରତି ବର୍ଷ 50 କୋଟି ଟଙ୍କା ଅନୁଦାନ ଦେଇ ଆସୁଅଛନ୍ତି । ବର୍ତ୍ତମାନ ପାଇଁ 30 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ଓ ଅତିରିକ୍ତ ବ୍ୟୟ ବରାଦ ବେଳେ ଆଉ 20 କୋଟି ଟଙ୍କା ଦେବାପାଇଁ ବ୍ୟବସ୍ଥା କରାଯିବ ।

ପଶ୍ଚିମ ଓଡିଶା ବିକାଶ ପରିଷଦ ଇତି ମଧ୍ୟରେ ଅନେକ ଗୁଡିଏ ଭିତ୍ତିଭୂମି ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇଅଛନ୍ତି । ସେଥିମଧ୍ୟରୁ ଜଳସେଚନ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ 27.46 କୋଟି ଟଙ୍କା ବ୍ୟୟ ଅଟକଳରେ 154 ଗୋଟି

କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ଉନ୍ନତିକରଣ (Renovation & Improvement), 16.54 କୋଟି ଟଙ୍କା ବ୍ୟୟ ଅଟକଳରେ 223 ଟି Check Dam/ Diversion Weir , 19.36 କୋଟି ଟଙ୍କା ବ୍ୟୟ ଅଟକଳରେ 266ଟି ଉଠା ଜଳସେଚନ ପ୍ରକଳ୍ପ ଉଲ୍ଲେଖଯୋଗ୍ୟ ।

**ସୂଚନା ଓ ପ୍ରଯୁକ୍ତି ବିଦ୍ୟା – ଶିକ୍ଷିତ ଯୁବ ପିଢିଙ୍କ ନିମନ୍ତେ ଆତ୍ମ ନିଯୁକ୍ତି ଯୋଜନା**

31. ଶିକ୍ଷିତ ଯୁବ ପିଢିଙ୍କ ମଧ୍ୟରେ ବେକାରୀ ସମସ୍ୟାର ହ୍ରାସ ନିମନ୍ତେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଚଳିତ ବର୍ଷ ନୂତନ ଭାବେ ଦୁଇ ଗୋଟି ଆତ୍ମନିଯୁକ୍ତି ଯୋଜନା ଯଥା (1) ସୂଚନା କିଓସ୍କ (Information Kiosk) ଓ (2) ବି.ପି.ଓ କେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖାଯାଇଛି । ଏଥିନିମିତ୍ତ ରାଜ୍ୟ ଯୋଜନାରେ ଯଥାକ୍ରମେ 4.68 କୋଟି ଟଙ୍କା ଓ 1.20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । 2004–05 ଆର୍ଥିକ ବର୍ଷରେ ପ୍ରାୟ 1000 ଶିକ୍ଷିତ ବେକାର ଯୁବକଙ୍କୁ ଆତ୍ମନିଯୁକ୍ତି ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଓଡିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (OCAC) ଭୁବନେଶ୍ୱର ଦ୍ୱାରା ଉଦ୍ୟୋଗକାରୀ ମାନଙ୍କୁ ମାଗଣାରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । 2003–04 ମସିହାରେ ରାଜ୍ୟ ଯୋଜନାରେ ପ୍ରଯୁକ୍ତି ବିଦ୍ୟା ବାବଦକୁ 3.74 କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ 7.10 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

ବୟନ ଓ ହସ୍ତଶିଳ୍ପ 32. ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ ପାଇଁ ରାଜ୍ୟ ଯୋଜନାରେ 4.75 କୋଟି ଟଙ୍କା ରଖାଯାଇଥିବା ବେଳେ, ବୟନ ଶିଳ୍ପର ପୁନରୁଦ୍ଧାର ଓ ଉନ୍ନତିକରଣ ପାଇଁ ଏନ୍.ସି.ଡି.ସି ରୁ ରାଜ୍ୟ ଯୋଜନା ବାହାରେ 15.00 କୋଟି ଟଙ୍କା ଋଣ ଆଣିବା ପାଇଁ ବ୍ୟୟ ବରାଦ କରାଯାଇଅଛି ।

ରାଜସ୍ୱ 33. ରାଜ୍ୟ ସରକାର ସର୍ବସାଧାରଣଙ୍କର ସୁବିଧା ପାଇଁ ଓ ରାଜସ୍ୱ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ନିମନ୍ତେ ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟକୁ ତହସିଲ କାର୍ଯ୍ୟ ସହିତ ମିଶ୍ରଣ କରିବା ଏବଂ ନିର୍ଦ୍ଦେଶାଳୟ, ଜିଲ୍ଲା, ଉପଖଣ୍ଡ ଓ ତହସିଲସ୍ତରରେ ରାଜସ୍ୱ ପ୍ରଶାସନର ପୁନର୍ବିନ୍ୟାସ କରିବା ପାଇଁ ନିଷ୍ପତ୍ତି କରିଅଛନ୍ତି ।

ବର୍ତ୍ତମାନ ସୁଦ୍ଧା ରାଜ୍ୟର 14 ଗୋଟି ନିବଂଧନ କାର୍ଯ୍ୟାଳୟକୁ ଏକ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣରୂପେ କମ୍ପୁଟରୀକରଣ କରାଯାଇଛି । ଚଳିତ ବର୍ଷ (2004–05) ରେ ଅଧିକ 13 ଗୋଟି ନିବଂଧନ କାର୍ଯ୍ୟାଳୟକୁ କମ୍ପୁଟରୀକରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେଥିନିମନ୍ତେ ଏକ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

ସ୍ୱରାଷ୍ଟ୍ର 34. ରାଜ୍ୟରେ ନକ୍ସଲପନ୍ଥୀ ଆତଙ୍କବାଦର ଦୃଢ ମୁକାବିଲା ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ରିର୍ଜଭ ପୋଲିସ୍ ବାହିନୀ ମୁତୟନ କରିବା ସଙ୍ଗେସଙ୍ଗେ ନୂତନ ବାଟାଲିଅନ ପ୍ରତିଷ୍ଠା କରିଛନ୍ତି । ରାଜ୍ୟ

ସରକାରଙ୍କର ଅନୁରୋଧ କ୍ରମେ କେନ୍ଦ୍ର ସରକାର ଓଡିଶାରେ ଦ୍ୱିତୀୟ ଭାରତ ସୁରକ୍ଷା ବାହିନୀ ନାମରେ ଏକ ବାଟାଲିଅନ ପ୍ରତିଷ୍ଠା ନିମନ୍ତେ 3 କୋଟି 25 ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ବାଟାଲିଅନ ସୁନ୍ଦରଗଡ ଜିଲ୍ଲାରେ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ରଖାଯାଇଛି । ଏ ବାବଦରେ ମୋଟ୍ କେନ୍ଦ୍ରୀୟ ସହାୟତା 13 କୋଟି ଟଙ୍କା ମିଳିବାକୁ ଅଛି ।ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସୁପାରିଶ ଅନୁଯାୟୀ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ 64 ଗୋଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦ୍ୱିତୀୟ ପ୍ରର୍ଯ୍ୟାୟରେ ଅଧିକ ଆଠ ଗୋଟି ଫାଷ୍ଟଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବ । ବର୍ତ୍ତମାନ ସୁଦ୍ଧା 30 ଗୋଟି ଫାଷ୍ଟ ଟ୍ରାକ କୋର୍ଟ ପ୍ରତିଷ୍ଠା କରାଯାଇଛି । ଏହି କୋର୍ଟ ଗୁଡିକ ଅଦ୍ୟାବଧି 13328 ଗୋଟି ମକଦ୍ଦମାର ଫଏସଲା କରିଛନ୍ତି । ଏକାଦଶ ଅର୍ଥ କମିଶନ ଅନୁଦାନ ରାଶି ବିନିଯୋଗ ପୂର୍ବକ ଅବଶିଷ୍ଟ କୋର୍ଟ ଗୁଡିକୁ ପ୍ରତିଷ୍ଠା କରାଯିବ ।

ସେହିପରି ନିରକ୍ଷର ବନ୍ଦୀ ମାନଙ୍କୁ ସାକ୍ଷର କରିବା ପାଇଁ କାରାଗାର ଗୁଡିକରେ ସାକ୍ଷରତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଉଚିତ ମାର୍ଗ ପ୍ରବର୍ତ୍ତନ ପୂର୍ବକ 107 ଜଣ ବନ୍ଦୀ ମାନଙ୍କୁ 2003 ମସିହାରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଖଲାସ କରାଯାଇଛି । "ମା ବନ୍ଦୀ" ମାନଙ୍କ ସହ କାରାଗାରକୁ ଆସୁଥିବା ଶିଶୁ ମାନଙ୍କ ପାଇଁ ଭୁବନେଶ୍ୱର ଠାରେ ଥିବା ସ୍ୱତନ୍ତ୍ର କାରାଗାରରେ ଏକ ହଷ୍ଟେଲର ମଧ ଶୁଭାରମ୍ଭ କରାଯାଇଛି ।

ସାଧାରଣ ଉଦ୍ୟୋଗ

35. (i) ଲଘୁ କ୍ଷେତ୍ର (Non-core Sector)ରେ କ୍ଷତିରେ ଚାଲୁଥିବା ସାଧାରଣ ଓ ସମବାୟ ଉଦ୍ୟୋଗ ଗୁଡିକର ଚୟନ ମୂଳକ ଭାବେ ଘରୋଇକରଣ / ପୁଞ୍ଜି ପ୍ରତ୍ୟାହାର ପାଇଁ ସରକାର ଏକ ନୀତିଗତ ନିଷ୍ପତ୍ତି କାର୍ଯ୍ୟକାରୀ କରୁଛନ୍ତି । କ୍ଷତିରେ ଚାଲୁଥିବା ମାତ୍ର ଲାଭ କଲାଭଳି କ୍ଷମତା ସମ୍ପନ୍ନ ଉଦ୍ୟୋଗ ଗୁଡିକର ପୁନରୁଦ୍ଧାର କରିବା ସରକାରଙ୍କର ଘରୋଇକରଣ ନୀତିର ମୂଳ ଲକ୍ଷ୍ୟ । ଏହି କୌଶଳାତ୍ମକ ନୀତିର ଅଂଶ ସ୍ବରୂପ ଆମେ ଘରୋଇ କରଣର ଏକ ନମୁନା ସ୍ଥିର କରିଛୁ, ଯାହା ଦ୍ୱାରା ଶ୍ରମିକ ମାନଙ୍କର ସ୍ୱାର୍ଥ ରକ୍ଷା କରାଯାଇପାରିବ ଓ ଘରୋଇ ଉଦ୍ୟୋଗର ସାହାଯ୍ୟ ନେଇ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିବ ।

ii) ସରକାର ମଧ୍ୟ କେତେକ ମୌଳିକ (Core) ଉଦ୍ୟୋଗ ଚିହ୍ନଟ କରିଛନ୍ତି, ଯେଉଁ ଗୁଡିକ ସାଧାରଣ ଉଦ୍ୟୋଗର ପରିସର ଭିତରେ କାର୍ଯ୍ୟ କରିବେ । ଏହି ଉଦ୍ୟୋଗ ଗୁଡିକୁ ସର୍ବାଧିକ ପରିଚାଳନାଗତ ସ୍ୱାଧୀନତା ଯୋଗାଇ ଦେବା ପାଇଁ ସରକାର ଚେଷ୍ଟିତ ହେବେ; ଯଦ୍ୱାରା ସେମାନେ ଏକ ସୁସ୍ଥ ବ୍ୟବସାୟିକ ନୀତିରେ ଚାଲିପାରିବେ ।

iii) ଏହି ବ୍ୟାପକ ସାଧାରଣ ଉଦ୍ୟୋଗ ସଂସ୍କାର କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଙ୍କୁ ବ୍ରିଟିଶ ସରକାରଙ୍କର ଆନ୍ତର୍ଜାତିକ ଉନ୍ନୟନ ବିଭାଗ ( D.F.I.D.) 30 ନିୟୁତ ପାଉଣ୍ଡ ସାହାଯ୍ୟ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ସଂସ୍କୃତି

36. ଓଡିଶାର ସମୃଦ୍ଧ ପ୍ରାଚୀନ ଐତିହ୍ୟର ସଂରକ୍ଷଣ ଏବଂ କଳା ଓ ସଂସ୍କୃତିର ଅଭିବୃଦ୍ଧି ନିମନ୍ତେ ସଂସ୍କୃତି ବିଭାଗ ଉଦ୍ଦିଷ୍ଟ । ଉକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଚଳିତ ଆର୍ଥିକ ବର୍ଷରେ ଯୋଜନା ବ୍ୟୟ ବାବଦରେ 223.40 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆପଣମାନେ ଜାଣି ଖୁସି ହେବେ ଯେ କେନ୍ଦ୍ର ସରକାରଙ୍କ ସହାୟତାରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ "କଳାମଣ୍ଡଳ" ନାମରେ ଏକ ବହୁମୁଖୀ ସଂସ୍କୃତି ସୌଧ ଓଡିଶାର ରାଜଧାନୀ ଭୁବନେଶ୍ୱରଠାରେ ନିର୍ମାଣ ହେଉଛି । ଏହି ସୌଧର ନିର୍ମାଣ କାର୍ଯ୍ୟ ଶେଷ ହେଲେ ଏହା ରାଜ୍ୟର କଳା ଓ ସଂସ୍କୃତିର ବିକାଶ ଏବଂ ପ୍ରଚାର କ୍ଷେତ୍ରରେ ସହାୟକ ହେବ ।

ରାଜ୍ୟର ଅତୀତ ଗୌରବ ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ, ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ "ସଂସ୍କୃତି ପାଣ୍ଠି" ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି । ମୁଁ ଏଠାରେ ଗର୍ବର ସହ କହିବାକୁ ଚାହେଁଯେ ଏଭଳି ପ୍ରକଳ୍ପ ଆରମ୍ଭ କରିବାରେ ସମଗ୍ର ଭାରତରେ ଓଡିଶା ପ୍ରଥମ ରାଜ୍ୟ ।

ଏହା ଅତ୍ୟନ୍ତ ଆନନ୍ଦର ବିଷୟ ଯେ ସଂସ୍କୃତି ବିଭାଗ ଇତି ମଧ୍ୟରେ କଳାକାର ଭତ୍ତା ଯୋଜନାରେ ନୂଆକରି ଅନ୍ୟୁନ ଆଉ 100 ଜଣ ଅଧିକ ଯୋଗ୍ୟ ବିବେଚିତ କଳାକାରଙ୍କୁ ସାମିଲ କରିଛନ୍ତି ।

ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ସଂସ୍କୃତି ନୀତି ପ୍ରଣୟନ କରିବାର ପ୍ରସ୍ତାବ ଅଛି ।

**ଅତିରିକ୍ତ ସମ୍ବଳ ସଂଗ୍ରହ**

37. ବଜେଟ୍‌ରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯେଉଁ ବ୍ୟୟ ବରାଦ କରାଯାଉଛି ତାହା ଯେପରି ଠିକ୍ ଭାବରେ ଓ ଠିକଣା ସମୟରେ ଖର୍ଚ୍ଚ ହୋଇପାରିବ, ତାହା ଦେଖିବା କଥା । ସେଥିପାଇଁ ରାଜକୋଷରେ ଠିକ୍ ସମୟରେ ଅର୍ଥ ଜମାହେବା ଦରକାର । ବିଭିନ୍ନ ସୂତ୍ରରୁ ବର୍ତ୍ତମାନ ଆଦାୟ ହେଉଥିବା ରାଜ୍ୟର ଟିକସ ଓ ଅଣ ଟିକସ ଯେପରି ଅଧିକ ଆଦାୟ ହୋଇପାରିବ ସେଥିନିମିତ୍ତ ସମସ୍ତ ପ୍ରକାର ଉଦ୍ୟମ ଆମମାନଙ୍କୁ କରିବାକୁ ପଡିବ । ତାହା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ନୂତନ ସୂତ୍ରରୁ ଯେପରି ଅତିରିକ୍ତ ସମ୍ବଳ ସଂଗ୍ରହ କରାଯାଇପାରିବ ସେଥିନିମିତ୍ତ ରାଜ୍ୟ ସରକାର ମଧ୍ୟ ଗୁରୁତର ସହ ବିଚାର କରୁଛନ୍ତି । ବଳକା ସରକାରୀ ଜମି, ଅବ୍ୟବହୃତ ଶିଳ୍ପ ସେଡ୍, ବନ୍ଦ ହୋଇଥିବା ନିଗମ ଗୁଡିକର ବଳକା ଜମି ବିକିବା ଅନ୍ତର୍ଭୁକ୍ତ । ଏତଦ୍‌ବ୍ୟତୀତ ଅବ୍ୟବହୃତ କୃଷି ଫାର୍ମ , ମତ୍ସ୍ୟ ଓ ପଶୁପାଳନ ଫାର୍ମ ଓ ଶୀତଳ ଭଣ୍ଡାର ଇତ୍ୟାଦି ଲିଜ୍ ସୂତ୍ରରେ ବା ସିଧାସଳଖ ସୂତ୍ରରେ ବିକିବା ପାଇଁ ମଧ୍ୟ ବିଚାର କରାଯାଉଅଛି । ଇତି ମଧ୍ୟରେ ବିଭିନ୍ନ ଜିଲ୍ଲାରେ 17,667.480 ଏକର ସରକାରୀ ବଳକା ଜମି ଚିହ୍ନଟ କରାଯାଇଥିଲା ବେଳେ 6929.412 ଏକର ଜମି ବିକିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ।

ମୂଲ୍ୟଯୁକ୍ତ ଟିକସ ପ୍ରଚଳନ

୩୮. ପ୍ରଚଳିତ ଥିବା ବିକ୍ରୀ ଟିକସ ପରିବର୍ତ୍ତେ ତା 01.04.2005 ରିଖ ଠାରୁ ମୂଲ୍ୟଯୁକ୍ତ ଟିକସ ପ୍ରବର୍ତ୍ତନ କରିବା ପାଇଁ ସବୁ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଛି । ମୂଲ୍ୟଯୁକ୍ତ ଟିକସର ସାରମର୍ମ ହେଲାଯେ ଏହା ହେଉଛି ଏକ ଲକ୍ଷ୍ୟସ୍ଥଳ ଭିତ୍ତିକ ଟିକସ, ଯାହାକୁ ଉପଭୋକ୍ତା ଦେବାବେଳେ ମଧ୍ୟବର୍ତ୍ତୀ ସ୍ତରରେ ଆଦାୟ ହୋଇଥିବା ଟିକସକୁ ମଧ୍ୟ ବିଚାରକୁ ନିଆଯିବ । ମୂଲ୍ୟଯୁକ୍ତ ଟିକସ ପ୍ରଚଳନ ଦ୍ୱାରା ସମଗ୍ର ଦେଶରେ ଏକ ଏକୀକୃତ ବଜାର ସୃଷ୍ଟି ହେବ । ବ୍ୟବସାୟିକ କାରବାରରେ ଟିକସ ବ୍ୟବସ୍ଥା ସରଳୀକୃତ ଓ ସ୍ୱଚ୍ଛ ହେବ । କେହି ମନଇଚ୍ଛା ଟିକସ ଧାର୍ଯ୍ୟ କରାପାରିବେ ନାହିଁ । କେହି କେହି ଆଶଙ୍କା ବ୍ୟକ୍ତ କରୁଛନ୍ତି ଯେ, ମୂଲ୍ୟଯୁକ୍ତ ଟିକସ ପ୍ରଚଳନ ଦ୍ୱାରା ପ୍ରଭୂତ ରାଜସ୍ୱ କ୍ଷତି ହେବ । କିନ୍ତୁ ଏହା ପ୍ରକୃତ ତଥ୍ୟ ଉପରେ ଆଧାରିତ ନୁହେଁ । ମୂଲ୍ୟଯୁକ୍ତ ଟିକସ ପ୍ରଣାଳୀ ରେ ନୂଆ ଟିକସ ଭାର ଏପରି ଭାବେ ସ୍ଥିରୀକୃତ ହେବ ଯେ, ତାହା ଆଶଙ୍କା କରାଯାଉଥିବା ରାଜସ୍ୱ କ୍ଷତିକୁ ପ୍ରତିହତ କରିପାରିବ । ଏହାଛଡା ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଏବାବଦରେ କ୍ଷତି ଭରଣା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଓଡିଶା ଯେପରି ଏ ଦିଗରେ ଉପଯୁକ୍ତ କ୍ଷତିପୂରଣ ପାଇପାରିବ ଦଳମତ ନିର୍ବିଶେଷରେ ଆମକୁ ଚେଷ୍ଟା କରିବାକୁ ପଡିବ ।

ସେବା କ୍ଷେତ୍ରରୁ ନୂତନ ଟିକସ ରାଜ୍ୟର ଅଂଶ

**39.** ବର୍ତ୍ତମାନ Schedule-II ରେ ଉଲ୍ଲିଖିତ ସେବା ଉପରେ ଆଦାୟ କରାଯାଉଥିବା କେନ୍ଦ୍ରୀୟ ଟିକସରୁ ରାଜ୍ୟ ସରକାର ଅଂଶ ପାଉଛନ୍ତି । ନୂତନ ଭାବେ ଅନେକଗୁଡ଼ିଏ ସେବା ଉପରେ କେନ୍ଦ୍ର ସରକାର Service Tax ବସାଇବାକୁ ଯାଉଛନ୍ତି ଏବଂ ଏହା Schedule-III ରେ ଅନ୍ତର୍ଭୁକ୍ତ କରାଯାଉଛି । Schedule-III ରେ ଅନ୍ତର୍ଭୁକ୍ତ ସେବା କ୍ଷେତ୍ରରୁ ଆଦାୟ ହେଉଥିବା ଟିକସ ରାଜ୍ୟମାନଙ୍କ ମଧ୍ୟରେ ଆବଣ୍ଟନ ହେବା ଦରକାର, ଏ ବିଷୟରେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିଅଛନ୍ତି ।

ଦ୍ୱାଦଶ ଅର୍ଥ କମିଶନଙ୍କ ନିକଟରେ ରାଜ୍ୟର ଦାବୀ

**40.** ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ସି. ରଙ୍ଗରାଜନଙ୍କ ଅଧ୍ୟକ୍ଷତାରେ ଗଠିତ ଦ୍ୱାଦଶ ଅର୍ଥ କମିଶନ ତା 11.02.04 ରିଖ ଠାରୁ ତା 14.02.04 ରିଖ ପର୍ଯ୍ୟନ୍ତ ଓଡ଼ିଶା ପରିଦର୍ଶନରେ ଆସି ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ପରିଷଦର ସଦସ୍ୟବୃନ୍ଦ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଉଚ୍ଚ ପଦାଧିକାରୀ, ପଞ୍ଚାୟତ ଓ ପୌରସଂସ୍ଥାର ଅଧ୍ୟକ୍ଷ ଅଧ୍ୟକ୍ଷା, ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ଏବଂ ବାଣିଜ୍ୟ ବ୍ୟବସାୟର ପ୍ରତିନିଧିମାନଙ୍କ ସହ ରାଜ୍ୟର ଆର୍ଥିକ ପରିସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ । କମିଶନଙ୍କ ସହ ରାଜ୍ୟ ସରକାରଙ୍କ ଆଲୋଚନା ବହୁ ଉଚ୍ଚମାନର ହୋଇଥିଲା ବୋଲି କମିଶନ ତାଙ୍କ ପତ୍ରରେ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି, (I have no hesitation in saying that the discussions in

Bhubaneswar were of high standard and the protocol arrangements were impeccable) ।

ଆଲୋଚନା ପ୍ରସଙ୍ଗରେ ଆମ ଆୟର ଅଧିମୂଲ୍ୟାଙ୍କନ ଓ ବ୍ୟୟର ଅବମୂଲ୍ୟାଙ୍କନ କରିବାଦ୍ୱାରା ଓଡିଶା କିଭଳି ସାଂଘାତିକ ଭାବେ କ୍ଷତିଗ୍ରସ୍ତ ହୋଇଛି; ରାଜ୍ୟ ସରକାର ନେଇଥିବା ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଓ ଆର୍ଥିକ ପରିଚାଳନାରେ ଉନ୍ନତି ଇତ୍ୟାଦି ଉପରେ ଅର୍ଥ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା । ମୁଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କୁ ସୂଚାଇଦେବାକୁ ଚାହେଁଯେ ଏକାଦଶ ଅର୍ଥ କମିଶନ ସୁଧ ଦେୟ ଓ ପେନ୍‌ସନ୍ ବାବଦରେ ଯଥାକ୍ରମେ 3544.83 କୋଟି ଟଙ୍କା ଏବଂ 2900.58 କୋଟି ଟଙ୍କା ଅବମୂଲ୍ୟାଙ୍କନ ଏବଂ ବିବିଧ ଅଣଯୋଜନା ଅନୁଦାନ (Miscellaneous Non-plan Grant) ବାବଦରେ 1057.45 କୋଟି ଟଙ୍କା ଅଧିମୂଲ୍ୟାଙ୍କନ କରିବାଦ୍ୱାରା କେନ୍ଦ୍ରୀୟ ସମ୍ବଳରୁ ଯେଉଁ ପରିମାଣରେ ଅଂଶ ପାଇବା କଥା ଆମ ରାଜ୍ୟ ସେହି ଅନୁସାରେ ପାଇ ପାରିନାହିଁ । ଏ ବିଷୟରେ ବିଶେଷଭାବରେ ଅର୍ଥ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏତଦ୍‌ବ୍ୟତୀତ କେନ୍ଦ୍ରୀୟ ଋଣ ଛାଡ କରିବା କିମ୍ବା ସୁଧ ଦେୟ ମାଫ୍ କରିବା ପାଇଁ ମଧ୍ୟ ରାଜ୍ୟ ସରକାର ଦ୍ୱାଦଶ ଅର୍ଥ କମଶନଙ୍କ ନିକଟରେ ଦାବୀ ଉପସ୍ଥାପନ କରିଛନ୍ତି । ଦ୍ୱାଦଶ ଅର୍ଥ କମିଶନ ଅଧ୍ୟକ୍ଷ ତାଙ୍କ ଭାଷଣ ପ୍ରସଙ୍ଗରେ ଦର୍ଶାଇଥିଲେ ଯେ କେନ୍ଦ୍ରୀୟ ଅନୁଦାନ ନିର୍ଦ୍ଧାରଣ କଲାବେଳେ ଯେଉଁ ରାଜ୍ୟ ମାନେ ଆର୍ଥିକ ପରିଚାଳନାରେ ଉନ୍ନତି ଆଣିଛନ୍ତି ସେମାନଙ୍କୁ

ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯିବ । କିନ୍ତୁ ରାଜ୍ୟର ନିର୍ଦ୍ଦିଷ୍ଟ ଆଶଙ୍କା ଓ ସମସ୍ୟା (Specific Concern and Problem) କମିଶନ ମଧ୍ୟ ଭଲଭାବରେ ଅନୁଧ୍ୟାନ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

ବଜେଟ୍ କେବଳ ଏକ ଅନୁମାନର ହିସାବ ନୁହେଁ, ଏହା ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ଉତ୍ତରଦାୟୀ କରିବା ନିମିତ୍ତ ଏକ ଆୟୁଧ (Budget is not accounting, it is accountabiality) । ସେଥିନିମିତ୍ତ ଆମ ରାଜ୍ୟକୁ ଗସ୍ତ ବେଳେ ଦ୍ୱାଦଶ ଅର୍ଥ କମିଶନ ଦେଇଥିବା ପରାମର୍ଶ ଅନୁସାରେ ଋଣ ବୃଦ୍ଧି ରୋକିବା ନିମିତ୍ତ ଆମ ସରକାର ଏକ Fiscal Responsibility and Budget Management ଆଇନ ପ୍ରଣୟନ କରିବାକୁ ଗୁରୁତର ସହ ବିଚାର କରୁଛନ୍ତି ।

ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଓଡିଶାର ଅଂଶ ସମୁଦାୟ କେନ୍ଦ୍ରୀୟ ହସ୍ତାନ୍ତରୀତ (Central Transfer) ଅର୍ଥର 5.21 ପ୍ରତିଶତ ଥିବାବେଳେ ଦଶମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହି ଅଂଶ 4.28 ପ୍ରତିଶତକୁ ଖସିଆସିଥିଲା । ଏକାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହି ଅଂଶ 4.78 ପ୍ରତିଶତକୁ ବୃଦ୍ଧି ପାଇଛି ଓ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ ଏହା ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଦ୍ୱାଦଶ ଅର୍ଥ କମିଶନ ସେମାନଙ୍କ ସୁପାରିଶ କେନ୍ଦ୍ର ସରକାରଙ୍କୁ 2004 ମସିହା ଡିସେମ୍ବର ମାସ ଶେଷସୁଦ୍ଧା ଦେବାକୁ ସମୟ ସୀମା ବୃଦ୍ଧି କରାଯାଇଥିବାରୁ ରାଜ୍ୟର ଅଂଶ କିପରି ବୃଦ୍ଧି ପାଇବ, ସେଥିପାଇଁ

ଆମେ ସମସ୍ତେ ଦଳମତ ନିର୍ବିଶେଷରେ ମିଳିମିଶି ବିଭିନ୍ନ ସ୍ତରରେ ଚେଷ୍ଟା କରିବାପାଇଁ ମୁଁ ଏ ଗୃହର ମାନ୍ୟବର ସଦସ୍ୟ ସଦସ୍ୟା ମାନଙ୍କୁ ବିନମ୍ର ଅନୁରୋଧ କରୁଛି ।

ଆର୍ଥିକ ପୁର୍ନବିନ୍ୟାସ ଓ ବିଶ୍ୱ ବ୍ୟାଙ୍କ–ଡି.ଏଫ୍.ଆଇ.ଡି ରୁ ସାହାଯ୍ୟ

41. ଆମକୁ ଆମର ଆର୍ଥିକ ଅବସ୍ଥା ସୁଧାରିବାକୁ ପଡିବ । ଏ ଦିଗରେ ଆମ ସରକାର ଅନେକ ଗୁଡିଏ ପଦକ୍ଷେପ ନେଇଅଛନ୍ତି । ମୁଁ ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ରାଜ୍ୟମାନଙ୍କରେ ଆର୍ଥିକ ଶୃଙ୍ଖଳା କାର୍ଯ୍ୟକାରୀ କରିବା ପାଇଁ ରାଜସ୍ୱ ନିଅଣ୍ଟ ଓ ମୋଟ ରାଜସ୍ୱ ଆୟର ଆନୁପାତିକ ହାର ବର୍ଷକୁ ହାରାହାରି ୫ ଶତାଂଶ କମାଇ ପାରିଲେ ସେହି ରାଜ୍ୟଗୁଡିକୁ ଏକାଦଶ ଅର୍ଥ କମିଶନ ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରୋତ୍ସାହନ ପାଣ୍ଠି ଯୋଗାଇ ଦେବାପାଇଁ ସୁପାରିଶ କରିଛନ୍ତି । ମୁଁ ଏହି ପବିତ୍ର ଗୃହର ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କୁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ବିଭିନ୍ନ ସକାରାତ୍ମକ ପଦକ୍ଷେପ ଗ୍ରହଣ କରି ଆର୍ଥିକ ଶୃଙ୍ଖଳା ଗ୍ରହଣ କରିବା ଦ୍ୱାରା ଓଡିଶା ଭାରତବର୍ଷରେ ଅର୍ଥନୈତିକ ଶୃଙ୍ଖଳା ରକ୍ଷା ଓ ସଂସ୍କାର ଅଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେବା ଦିଗରେ ଏକ ସମ୍ମାନଜନକ ସ୍ଥାନ ଅଧିକାର କରିଛି ଏବଂ କେନ୍ଦ୍ର ସରକାର ଓ ଯୋଜନା କମିଶନଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ଏଥିପାଇଁ ଆମ ରାଜ୍ୟକୁ 2000–01, 2001–02 ଓ 2002–03 ଆର୍ଥିକ ବର୍ଷ ପାଇଁ ଯଥାକ୍ରମେ 77.95 କୋଟି ଟଙ୍କା, 47.53 କୋଟି ଟଙ୍କା ଏବଂ 87.34 କୋଟି ଟଙ୍କା ପ୍ରୋତ୍ସାହନ ପାଣ୍ଠିରୁ ଅନୁଦାନ ମିଳିଛି ।

42. 2003–04 ଆର୍ଥିକ ବର୍ଷ ଆରମ୍ଭରେ ରାଜ୍ୟର ଋଣଭାର ମୋଟ୍ ରାଜସ୍ୱ ଆୟ୍ର 329 ଶତାଂଶ ଓ ରାଜ୍ୟର ସାମଗ୍ରୀକ ଉତ୍ପାଦନର ପ୍ରାୟ୍ 63 ଶତାଂଶରୁ ଅଧିକ ଥିଲା । ଅତ୍ୟଧିକ ଋଣଭାର ଯୋଗୁ ରାଜ୍ୟର ମୋଟ୍ ରାଜସ୍ୱର 34 ଶତାଂଶରୁ ଉର୍ଦ୍ଧ୍ୱ କେବଳ ସୁଧ ଦେୟ୍ ବାବଦକୁ ବ୍ୟବହୃତ ହେଉଛି । ତେଣୁ ଏପରି ପରିସ୍ଥିତିରେ ରାଜ୍ୟ ସରକାର ଯେତେ ଚେଷ୍ଟା କଲେ ମଧ୍ୟ ଆର୍ଥିକ ଅବସ୍ଥା ସହଜରେ ସୁଧୁରି ପାରିବ ନାହିଁ । ଏଥିପାଇଁ କେନ୍ଦ୍ର ସରକାର ଓ ବିଶ୍ୱ ବ୍ୟାଙ୍କ–ଡି.ଏଫ.ଆଇ.ଡି. ସଂସ୍ଥାର ସାମାଜିକ ଓ ଅର୍ଥନୈତିକ ଉନ୍ନୟନ ସାହାଯ୍ୟ (Assistance for Socio-Economic Development) ଅପରିହାର୍ଯ୍ୟ । ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଭାରତ ସରକାର ଓ ବିଶ୍ୱ ବ୍ୟାଙ୍କ–ଡି.ଏଫ.ଆଇ.ଡି. ସଂସ୍ଥା ସହିତ ରାଜ୍ୟର ଆର୍ଥିକ ପୁନର୍ବିନ୍ୟାସ ପାଇଁ ଆଲୋଚନା ଜାରି ରଖିଛନ୍ତି । ଏହି ସାହାଯ୍ୟର ପ୍ରାୟ୍ 50 ଶତାଂଶ ଅନୁଦାନ ହୋଇଥିବାରୁ ତାହା ଆଗାମୀ ବର୍ଷ ଗୁଡିକରେ ଋଣଭାର କମାଇବା ସଙ୍ଗେ ସଙ୍ଗେ ସୁଧ ଦେୟ୍ ବାବଦକୁ ଖର୍ଚ୍ଚ  କମାଇବାରେ ମଧ୍ୟ ସାହାଯ୍ୟ କରିବ । ଏତଦ୍ବ୍ୟତୀତ ଏହି ସାହାଯ୍ୟର ଏକ ବିଶେଷ ଅଂଶ କେନ୍ଦ୍ରୀୟ୍ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ ଗୁଡିକ ପାଇଁ ରାଜ୍ୟର ଅଂଶ ବାବଦକୁ ବ୍ୟୟ୍ ବରାଦ କରିବା ଏବଂ ଶିକ୍ଷିତ ବେକାରମାନଙ୍କ ପାଇଁ ଅଭିନବ ସ୍ୱ–ରୋଜଗାର ଯୋଜନା (Innovative Self

Employment Generation Scheme) ପାଇଁ ବିନିଯୋଗ କରାଯିବ ।

କେନ୍ଦ୍ରୀୟ ଅନୁଦାନର ସଫଳ ବିନିଯୋଗ ପାଇଁ କାର୍ଯ୍ୟାନୁଷ୍ଠାନ

43. ରାଜ୍ୟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ପାଇଁ ଯେଉଁ ଅର୍ଥ ବରାଦ କରାଯାଉଛି ତାହା କେବଳ ରାଜ୍ୟ ଯୋଜନାର ଆକାରକୁ ଦେଖି ବିଚାର କରିବା ଉଚିତ୍ ନୁହେଁ । ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ଆତ୍ମନିଯୁକ୍ତି, କର୍ମ ଦିବସ ସୃଷ୍ଟି ଇତ୍ୟାଦି ପାଇଁ ଡି.ଆର୍.ଡି.ଏ. ଜରିଆରେ ବର୍ଷକୁ ପ୍ରାୟ 700 କୋଟି ଟଙ୍କା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ପାଇଁ ପ୍ରାୟ 200 କୋଟି ଟଙ୍କା, ସର୍ବଶିକ୍ଷା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ପ୍ରକଳ୍ପ (DPEP) ଇତ୍ୟାଦି ପାଇଁ 240 କୋଟି ଟଙ୍କା, ସ୍ୱାସ୍ଥ୍ୟ ବିଭାଗ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ପ୍ରାୟ 100 କୋଟି ଟଙ୍କା, କୃଷି କାର୍ଯ୍ୟକ୍ରମ ପାଇଁ 7 କୋଟି ଟଙ୍କା–ଏହିପରି ବିଭିନ୍ନ କାର୍ଯ୍ୟପାଇଁ ମୋଟ୍ ପ୍ରାୟ 1150 କୋଟି ଟଙ୍କା ବର୍ଷକୁ ରାଜ୍ୟ ବଜେଟ୍ ବାହାରେ ଆମ ରାଜ୍ୟକୁ ପ୍ରାପ୍ତ ହେଉଛି । ଏହି ଟଙ୍କା ମୁଖ୍ୟତଃ ସମ୍ପୂର୍ଣ୍ଣ ଅନୁଦାନ ଆକାରରେ ମିଳିଥାଏ । ବିଭିନ୍ନ କେନ୍ଦ୍ରୀୟ ଓ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ପାଇଁ ରାଜ୍ୟ ବଜେଟ୍ ଜରିଆରେ ବର୍ଷକୁ ହାରାହାରି ପ୍ରାୟ 500 କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନୁଦାନ ମଧ୍ୟ ଆସୁଛି । ରାଜ୍ୟ ବଜେଟ୍‌ରେ ବରାଦ କରାଯାଉଥିବା ଅର୍ଥ ସମେତ ବଜେଟ୍ ବାହାରେ ଯେଉଁ ଅନୁଦାନ ଆସୁଛି, ତାହା ଠିକ୍ ସମୟରେ ଓ ଠିକ୍ ଭାବରେ ଯେପରି ବିନିଯୋଗ ହୋଇପାରିବ; ସେଥିପାଇଁ ଆମକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରିବାକୁ ପଡିବ । ଏଥିରେ କୌଣସି ଶିଥିଳତା ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ । ଆମର କାର୍ଯ୍ୟଦକ୍ଷତା (performance) ଉପରେ ଅଧିକ କେନ୍ଦ୍ରୀୟ ଅନୁଦାନ ଆସିପାରିବ ଏବଂ ଏଥିପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟଧାରା ବଦଳାଇବାକୁ ପଡିବ ଓ କଠୋର ପରିଶ୍ରମ କରିବାକୁ ପଡିବ । ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଐକାନ୍ତିକ କର୍ତ୍ତବ୍ୟ ନିଷ୍ଠା, କଠୋର ପରିଶ୍ରମ, ଉତ୍ତରଦାୟିତ୍ୱ, ଆର୍ଥିକ ଶୃଙ୍ଖଳା ଅପରିହାର୍ଯ୍ୟ – ଏହାର କୌଣସି ବିକଳ୍ପ ନାହିଁ । କେବଳ ସମାଲୋଚନା କଲେ ସମସ୍ୟାର ସମାଧାନ ହେବନାହିଁ । ଆମ ସମସ୍ତଙ୍କୁ ମିଳିମିଶି କଠୋର ପରିଶ୍ରମ କରିବାକୁ ପଡିବ ।

44. ବାଚସ୍ପତି ମହୋଦୟ, 2004–05 ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ଅବସରରେ ରାଜ୍ୟର ବର୍ତ୍ତମାନ କଠିନ ଆର୍ଥିକ ପରିସ୍ଥିତି ଓ ଏହି ପରିସ୍ଥିତିରୁ ରାଜ୍ୟ କିପରି ନିସ୍ତାର ପାଇବ ସେ ନେଇ ମୁଁ ମୋର ବକ୍ତବ୍ୟ ଏ ମହାନ୍ ଗୃହରେ ଉପସ୍ଥାପନ କରିବାର ସୁଯୋଗ ପାଇଥିବାରୁ ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଓ ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ଏତେ ସମୟ ଧରି ଧୈର୍ଯ୍ୟର ସହିତ ମୋ ବକ୍ତବ୍ୟ ଶୁଣିଥିବାରୁ ମାନ୍ୟବର ଗୃହର ନେତା, ବିରୋଧୀ ଦଳର ନେତା ଓ ସମସ୍ତ ସଦସ୍ୟ ସଦସ୍ୟା ମାନଙ୍କୁ ମୁଁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ଆସନ୍ତା ଦିନଗୁଡିକରେ ରାଜ୍ୟର ଆର୍ଥିକ ଅବସ୍ଥାକୁ ସୁଧାରିବାରେ ଓ ରାଜ୍ୟର ପ୍ରଗତି ରଥକୁ ଦ୍ରୁତ ଗତିରେ ଆଗେଇ ନେବାକୁ ସମସ୍ତଙ୍କର

ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ପାଇବି ବୋଲି ଆଶା ରଖି ମୋର ବକ୍ତବ୍ୟ ଏଠାରେ ଶେଷ କରୁଛି ଏବଂ ଆଗାମୀ ଦିନଗୁଡ଼ିକ ରାଜ୍ୟବାସୀ ତଥା ସମସ୍ତଙ୍କ ପାଇଁ ଶୁଭଙ୍କର ଓ ମଙ୍ଗଳମୟ ହେଉ; ଏହା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛି ।

*ବନ୍ଦେ ଉତ୍କଳ ଜନନୀ*

*ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ,*

**ଅର୍ଥ ମନ୍ତ୍ରୀ**